ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.24 . No.293 Bhubaneswar Thursday, January 13, 2022 | ୨୪ତମ ବର୍ଷ ସଂଖ୍ୟା–୨୯୩ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ମହର୍ଷି ପବ୍ଲିକ ସ୍କୁଲରେ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଦିବସ ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ଓ ସହକର୍ମୀମାନଙ୍କ ଦ୍ୱାରା କରୋନା କଟକଣା ମଧ୍ୟରେ ପାଳିତ



ବାରିପଦା ବାଘରାରୋଡ଼ସ୍ଥିତ ମହର୍ଷି ପବ୍ଲିକ ସ୍କୁଲ ଦ୍ୱାରା ମହର୍ଷି ମହେଶ ଯୋଗୀଙ୍କ ଜନ୍ମଦିନ ପାଳିତ। ପ୍ରଧାନ ଶିକ୍ଷକ ଶ୍ରୀ ଗଣେଶ୍ୱର ସାହୁ, ପରିଚାଳକ ଶ୍ରୀ ଅଶୋକ କର ଓ ଶିକ୍ଷକ/ଶିକ୍ଷୟିତ୍ରୀଗଣ ଉପସ୍ଥିତ

## ଜାନୁଆରୀ ୩୧ ଯାଏଁ ରାଜ୍ୟ ଗ୍ରନ୍ଥାଗାର ବନ୍ଦ

ଭୁବନେଶ୍ୱର, ୧୨।୧(ପି.ଏନ): କୋଭିଡ୍ ମାର୍ଗଦର୍ଶିକା ପ୍ରକାରେ ପାଠକପାଠିକାମାନଙ୍କ ସୁରକ୍ଷା ଦୃଷ୍ଟିରୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ଆସନ୍ତା ଜାନୁଆରୀ ୩୧ ତାରିଖ ଯାଏଁ ବନ୍ଦ ରଖାଯିବାକୁ ନିଷ୍ପତି ନିଆଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ରାଜ୍ୟରେ ରେକର୍ଡ ୬୭ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨।୧(ପି.ଏନ): ରାଜ୍ୟରେ ରେକର୍ଡ ସଂଖ୍ୟକ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାର ଦିନ ସର୍ବାଧିକ ୬୭ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୭୦କୁ ବୃଦ୍ଧି ପାଇଛି। ଆଇଏଲ୍ଏସ୍ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଏହି ସୂଚନା ଦିଆଯାଇଛି ।ଆଇଏଲ୍ଏସ୍ ପକ୍ଷରୁ କୁହାଯାଇଛି ଯେ ୨୬୩ ଜଣଙ୍କର ନମୁନା ଜିନମ୍ ସ୍ୱିକେନ୍ସିଂ ପାଇଁ ପଠାଯାଇଥିଲା। ଏଥିରୁ ୬୭ ଜଣଙ୍କର ରିପୋର୍ଟରେ ଓମିକ୍ରନ୍ ସଂକ୍ରମଣ ଚିହ୍ନଟ ହୋଇଛି। ନୂଆ ସଂକ୍ରମିତ ବ୍ୟକ୍ତି ସ୍ଥାନୀୟ ସଂକ୍ରମଣରୁ ଆକ୍ରାନ୍ତ ହୋଇଛନ୍ତି। ଏହାସହିତ ରାଜ୍ୟରେ ଓମିକ୍ରନ ସଂକ୍ରମିତ ସଂଖ୍ୟା ୧୭୦କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୨୧ ତାରିଖରେ ପ୍ରଥମ ଥର ପାଇଁ ୨ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

## ନିର୍ବାଚନ ପ୍ରଚାର ପାଇଁ ଏସଆରସିଙ୍କ ସାନି ଗାଇଡ୍ ଲାଇନ୍

ଭୁବନେଶ୍ୱର, ୧୨।୧(ପି.ଏନ): ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ନିର୍ବାଚନ ପ୍ରଚାରକୁ ନେଇ ସାନି ଗାଇଡ୍ ଲାଇନ୍ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)। ରାଜ୍ୟରେ କରୋନା ସଂକ୍ରମଣ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଏସଆରସି ୫ତାରିଖର ନିର୍ଦ୍ଦେଶନାମାକୁ ବଦଳାଇ କରୋନା କଟକଣାକୁ କଠୋର କରିବା ସହ ବୁଧବାର ସାନି ଗାଇଡଲାଇନ୍ ଜାରି କରିଛନ୍ତି । ନୂତନ ଗାଇଡ୍ ଲାଇନ୍ ଅନୁଯାୟୀ ନିର୍ବାଚନ ପରିପ୍ରେକ୍ଷୀରେ କୌଣସି ବଡଧରଣର ସମାବେଶର ଆୟୋଜନ ହୋଇପାରିବ ନାହିଁ। ସମାବେଶ ଉପରେ କଟକଣା ଲାଗୁ ହୋଇଛି। ସର୍ବାଧିକ ୫ଜଣ ଲୋକଙ୍କୁ ଡୋରଟୁ ଡୋର ପ୍ରଚାର କରିବାକୁ ଅନୁମତି ମିଳିବ । ପ୍ରଚାର ସମୟରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ ଜରୁରୀ କରାଯାଇଛି। ସାମାଜିକ ଓ ଇଲୋକ୍ଟ୍ରୋନିକ୍ସ ମିଡିଆରେ ଯଥାସମ୍ଭବ ପ୍ରଚାରକୁ ପ୍ରାଥମିକତା ଦେବାକୁ କୁହାଯାଇଛି। କୋଭିଡ୍ ସଂକ୍ରମିତ ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ବୁଲି ପ୍ରଚାର କରିପାରିବେ ନାହିଁ । ସେହିପରି ରାଜନୈତିକ ଦଳ ଓ ପ୍ରାର୍ଥୀମାନେ କୋଭିଡ୍ ଗାଇଡଲାଇନକୁ ପାଳନ କରି ନିଜର ପ୍ରଚାରକୁ ଡିଜିଟାଲ, ଭର୍ଚୁଆଲ, ମିଡିଆ ପ୍ଲାଟଫର୍ମ, ମୋବାଇଲ ଆଦି ମାଧ୍ୟମରେ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ।ରୋଡ୍ ଶୋ', ପଦଯାତ୍ରା, ସାଇକେଲ, ବାଇକରେ ରାଲି ଓ ଅନ୍ୟାନ୍ୟ ଶୋଭାଯାତ୍ରା ଉପରେ କଟକଣା ଜାରି ହୋଇଛି । କୌଣସି ପ୍ରକାରର ରାଲି କିମ୍ବା ନିର୍ବାଚନ ସଂକ୍ରାନ୍ତରେ ଅନ୍ୟ କୌଣସି ଗୋଷ୍ଠୀର ରାଲିକୁ ଅନୁମତି ଦିଆଯିବ ନାହିଁ । ସେହିପରି ଭୋଟ ଗଣତି ପରେ ବିଜୟ ଶୋଭାଯାତ୍ରା ମଧ୍ୟ ପ୍ରାର୍ଥୀମାନେ କରିପାରିବେ ନାହିଁ । ବିଜୟୀ ପ୍ରାର୍ଥୀ ସହ ସର୍ବାଧିକ ୨ଜଣ ଯାଇପାରିବେ। ଦଳ ଓ ପ୍ରାର୍ଥୀଙ୍କର ବିଭିନ୍ନ ୱାର୍ଡରେ ଥିବା କ୍ୟାମ୍ପ ଅଫିସରେ ମାସ୍କ ଓ ହାତ ଧୋଇବା ପାଇଁ ସାନିଟାଇଜର ରହିବ । ପ୍ରଚାରବେଳେ ଭୋଟରମାନଙ୍କୁ ମଧ୍ୟ ମାସ୍କ ପିନ୍ଧିବା ଓ ହାତ ସାନିଟାଇଜ କରିବାକୁ ପ୍ରାର୍ଥୀମାନେ ପ୍ରୋତ୍ସାହିତ କରିବେ ।ଲୋକଙ୍କ ଗହଳି ହ୍ରାସ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ବ୍ଲକ ମୁଖ୍ୟାଳୟରେ ଅଧିକ ସଂଖ୍ୟକ ଭୋଟଗଣତି କେନ୍ଦ୍ର କରିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବେ। ସେହିପରି ନାମାଙ୍କନ ପତ୍ର ଦାଖଲବେଳେ ପ୍ରାର୍ଥୀ ଓ ତାଙ୍କ ପ୍ରସ୍ତାବକ ଉଭୟ ସାମାଜିକ ଦୂରତ୍ୱ ଓ କୋଭିଡ୍ ଗାଇଡଲାଇନ ପାଳନ କରି ନିର୍ବାଚନ ଅଧିକାରୀଙ୍କ ଅଫିସକୁ ଯିବେ। ଅଧିକ ସଂଖ୍ୟକ ଲୋକ ଏକଜୁଟ ହୋଇପାରିବେ ନାହିଁ।ଭୋଟ ଗଣତି କେନ୍ଦ୍ର ବାହାରେ ଭିଡ଼ ହେବ ନାହିଁ । ବିଜୟୀ ପ୍ରାର୍ଥୀଙ୍କ ଦ୍ୱାରା ଲୋକଙ୍କୁ ଏକଜୁଟ କରାଇବା ଓ ଶୋଭାଯାତ୍ରା କରିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବ । କରୋନା ଗାଇଡ୍ ଲାଇନ୍ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଆରସିଙ୍କ ପକ୍ଷରୁ କୁହାଯାଇଛି।

## ଗୋଟିଏ ଦିନରେ ୮୭୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୭୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୯୧୫୪୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୭୯୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୭ ହଜାର ୭୮୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୫୨୪୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୮୭୭୮ ଜଣଙ୍କ ମଧ୍ୟରୁ ୫୦୯୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୬୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୭, ବାଲେଶ୍ୱର ଜିଲ୍ଲାରୁ ୨୩୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୭୬୬ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୭୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୭୨, ଗଂଜାମ ଜିଲ୍ଲାରେ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୪, ଯାଜପୁରରୁ ୧୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୮୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୦ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୯୫ , ଖୋର୍ଦ୍ଧାରୁ ୨୬୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୬୧ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୬୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୬୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୫୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୨୫୧, ଷ୍ଟେଟ୍ ପୁଲରୁ ୫୭୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଭୁବନେଶ୍ୱର ଓ ବ୍ରହ୍ମପୁରରେ ମହିଳା ମେୟର, କଟକରେ ଅଣସଂରକ୍ଷିତ

ଭୁବନେଶ୍ୱର,୧୨।୧(ପି.ଏନ): ପଂଚାୟତ ନିର୍ବାଚନ ପ୍ରକ୍ରିୟା ଘୋଷଣା ହୋଇସାରିଥିବାବେଳେ ରାଜ୍ୟରେ ପୌର ନିର୍ବାଚନକୁ ଶୀଘ୍ର ସାରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ବହୁଚର୍ଚ୍ଚିତ ଭୁବନେଶ୍ୱର ମହାନଗର ନିଗମର ମେୟର ପଦବୀକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ କଟକ ମହାନଗର ନିଗମର ମେୟର ପଦବୀକୁ ଅଣସଂରକ୍ଷିତ ଓ ବ୍ରହ୍ମପୁର ମହାନଗର ନିଗମର ମେୟର ପଦବୀକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଆଜି ଏନେଇ ଗେଜେଟ୍ ବିଜ୍ଞପ୍ତି ଜାରି ହେବା ସହ ଏହା ଉପରେ ଆପତ୍ତି-ଅଭିଯୋଗ ଥିଲେ ୧୫ଦିନ ମଧ୍ୟରେ ପୌର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଜଣାଇବାକୁ କୁହାଯାଇଛି ।ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁସାରେ, ଓଡିଶା ମହାନଗର ନିଗମ ଆଇନ-୨୦୦୩ର ଧାରା ୧୪ର ଉପଧାରା ୩ ଓ ୪ ଅନ୍ତର୍ଗତ ଏବଂ ଓଡିଶା ମହାନଗର ନିଗମ ରୁଲସ-୨୦୦୩ର ରୁଲ-୮୦(୮) ର ପ୍ରାବଧାନ ଅନୁସାରେ ମହାନଗରଗୁଡିକର ମେୟର ପଦବୀକୁ ସଂରକ୍ଷିତ ରଖିବାକୁ ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି ।ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ କଟକ ମହାନଗର ନିଗମକୁ ଅଣସଂରକ୍ଷିତ ରଖାଯାଇଛି । ଏହି ସଂରକ୍ଷଣ ଉପରେ କାହାରି ଆପତ୍ତି-ଅଭିଯୋଗ ରହିଥିଲେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ପୌର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ଜଣାଇବାକୁ କୁହାଯାଇଛି । ଆଜି ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି ।

## ପଂଚଭୂତରେ ଲୀନ ହେଲେ ମିହିର ଦାସ

କଟକ, ୧୨।୧(ପି.ଏନ): ଓଡିଆ ସିନେମା ଜଗତର ବର୍ଷିଆନ କଳାକାର ମିହିର ଦାସ ପଂଚଭୂତରେ ଲୀନ ହୋଇଛନ୍ତି । ସତୀଚଉରାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଅମ୍ଳାନ ମୁଖାଗ୍ନି ଦେଇଛନ୍ତି । ଗାର୍ଡ ଅଫ ଅନର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରା ଯାଇଛି । ଆଜି ସକାଳୁ ଲଗାତାର ବର୍ଷା ଜାରି ରହିଥିବା ସତ୍ୱେ ବି ପ୍ରଶଂସକମାନେ ତାଙ୍କ ପ୍ରିୟ ଅଭିନେତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କର ଶେଷ ଟିକକ ଝଲକ ପାଇବା ପାଇଁ ପ୍ରଂଶସକଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଶିଷ୍ଟ ରାଜନେତା, ଫିଲ୍ମ ଅଭିନେତାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ସମସ୍ତେ ଶେଷ ଥର ପାଇଁ ଏହି ଭେଟରାନ ଆକ୍ଟରଙ୍କୁ ଦେଖିବାକୁ ଅନେକ ସମୟ ଧରି ଛିଡ଼ା ହୋଇଥିଲେ । ପରିବେଶ ଶୋକାକୂଳ ହୋଇ ପଡିଥିଲା । ଦୀର୍ଘ ବର୍ଷ ଧରି କିଡନି ରୋଗରେ ପୀଡ଼ିତ ଥିବା ମିହିର ଦାସ ମାସେ ତଳେ ଗୁରୁତର ହୋଇପଡ଼ିଥିଲେ। ଏହାପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ୯୬ ହଜାରଙ୍କୁ ଦିଆଗଲାଣି ବୁଷ୍ଟର ଡୋଜ୍

ଭୁବନେଶ୍ୱର, ୧୨।୧(ପି.ଏନ): କରୋନାର ନୂଆ ଭାରିଆଂଟ ପାଇଁ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ୫୦୦ତଳକୁ ଖସିଯାଇଥିବା ସଂଖ୍ୟା ଏବେ ୮ହଜାର ଟପିଲାଣି। ତେବେ ରାଜ୍ୟରେ ବୁଷ୍ଟର ଡୋଜ ଟିକାକରଣ ଜାରି ରହିଛି। ଯେ ଗତକାଲି ୪୬ହଜାର ୧୦୯ଜଣଙ୍କୁ ବୁଷ୍ଟର ଡୋଜ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬ହଜାର ୬୮୪ଜଣଙ୍କୁ ବୁଷ୍ଟର ଡୋଜ ଦିଆଯାଇସାରିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।ସେ କହିଛନ୍ତି ବୁଷ୍ଟର ଡୋଜ୍ ନେଇଥିବା ବ୍ୟକ୍ତିଙ୍କ ଭିତରେ ସ୍ୱାସ୍ଥ୍ୟସେବା କର୍ମଚାରୀ ୨୦ ହଜାର ୧୩୦ଜଣ, ଆଗଧାଡ଼ିର କରୋନା ଯୋଦ୍ଧା ୧୨ ହଜାର ୧୩୩ ଜଣ, ୬୦ବର୍ଷରୁ ଉର୍ଦ୍ଧ୍ୱ ୧୩ହଜାର ୮୪୬ଜଣ ରହିଛନ୍ତି। ଏହା ସହ ୧୫ରୁ ୧୮ବର୍ଷ ବୟସ୍କଙ୍କୁ ମଧ୍ୟ ଟିକାକରଣ ଜାରି ରହିଛି। ଗତକାଲି ସୁଦ୍ଧା ୭୯ହଜାର ୫୨୭ଜଣ କିଶୋରଙ୍କୁ ଟିକା ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮ଲକ୍ଷ ୫ ହଜାର ୫୫୩ଜଣ ଟିକା ନେଇସାରିଛନ୍ତି, ଯାହା ଟାର୍ଗେଟର ୩୪% ଅଟେ। ଆଜି ସୁଦ୍ଧା ରାଜ୍ୟରେ ୫କୋଟି ୩୨ଲକ୍ଷ ୧୩ହଜାର ଟିକା ଦିଆଯାଇସାରିଲାଣି। ପ୍ରଥମ ଡୋଜ ୯୨ପ୍ରତିଶତ ଓ ଦ୍ୱିତୀୟ ଡୋଜ ୯୦ ପ୍ରତିଶତ ଲୋକେ ନେଇସାରିଲେଣି ।ଅପରପକ୍ଷରେ ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ଟିକାକରଣକୁ ଆହୁରି ବଢ଼ାଇବାକୁ କୁହାଯାଇଛି। ଯେଉଁମାନେ ପ୍ରଥମ ଡୋଜ ନେଇନାହାନ୍ତି ସେମାନଙ୍କୁ ଘରକୁ ଘର ବୁଲି ଚିହ୍ନଟ କରାଯାଇ ଟିକା ଦିଆଯାଉଛି। ଏହି ମାସ ଶେଷ ସୁଦ୍ଧା ଦ୍ୱିତୀୟ ଡୋଜ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖିଛି ବିଭାଗ ।

## ପଂଚାୟତ ନିର୍ବାଚନ : ୧୫ରେ ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କ ସହ ଆଲୋଚନା କରିବେ ରାଜ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର, ୧୨।୧(ପି.ଏନ):- ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ହେବାକୁ ଥିବା ସାଧାରଣ ନିର୍ବାଚନ-୨୨ ସଂପର୍କରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଆସନ୍ତା ୧୫ ତାରିଖ ଦିନ ସାଢେ ୧୦ଟା ସମୟରେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ/ ପୁଲିସ୍ ଡେପୁଟି କମିଶନର, ରାଜସ୍ୱ କମିଶନର, ରେଞ୍ଜ ଆଇଜି/ ଡିଆଇଜିମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିବେ । ନିର୍ବାଚନ କମିଶନରଙ୍କ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ନିର୍ବାଚନ କମିଶନରଙ୍କ ସହ ମୁଖ୍ୟ ଶାସନ ସଚିବ, ପୁଲିସ୍ ଡିଜି, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଗୃହ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ପଂଚାୟତିରାଜ ବିଭାଗର ସଚିବ ପ୍ରମୁଖ ଉପସ୍ଥିତ ରହିବେ ଓ ସେହିପରି ଜିଲ୍ଲା ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ,ଡିସିପି ରାଜସ୍ୱ କମିଶନର, ରେଞ୍ଜ ଆଇଜି/ଡିଆଇଜି ପ୍ରମୁଖ ଉପସ୍ଥିତ ରହିବେ ।ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରାପଦ କରିବା ସହ ସୁରୁଖୁରୁରେ ନିର୍ବାଚନ ପରିଚାଳନା, ନିର୍ବାଚନ ସମୟରେ ରାଜ୍ୟରେ କୋଭିଡ୍-୧୯ ମଧ୍ୟରେ କିପରି ଭାବରେ ନିରାପଦ ନିର୍ବାଚନ ହୋଇପାରିବ ସେ ସଂପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ପ୍ରକାଶ ।

## ହାଇକୋର୍ଟ ୫ ଦିନ ଶଟ୍‌ଡାଉନ୍



କଟକ,୧୨।୧(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟକୁ ୫ ଦିନ ଯାଏ ଶଟଡାଉନ୍ କରାଯାଇଛି। ଅର୍ଥାତ୍ ଜାନୁଆରୀ ୧୩ରୁ ୧୭ ତାରିଖ ଯାଏ ହାଇକୋର୍ଟ ସଟଡାଉନ୍ ରହିବ। ତେବେ ଜାନୁଆରୀ ୧୮ ତାରିଖରୁ ହାଇକୋର୍ଟ ପୁଣିଥରେ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଜାନୁଆରୀ ୧୮ରୁ ଫେବୃଆରୀ ୪ ତାରିଖ ଯାଏ ହାଇକୋର୍ଟ ଦୁଇ ଡିଭିଜନ୍ ବେଞ୍ଚ ଓ ସାତୋଟି ସିଙ୍ଗଲ ବେଞ୍ଚ କେବଳ ଜରୁରୀ ମାମଲାର ଶୁଣାଣି କରିବେ। ଜାନୁଆରୀ ୧୮ରୁ ଫେବୃଆରୀ ୪ ମଧ୍ୟରେ ସ୍ଥଗିତ ରହିଥିବା ମାମଲା ଗୁଡିକର ଶୁଣାଣି ଫେବୃଆରୀ ୭ ତାରିଖରୁ ତାଲିକାଭୁକ୍ତ ହେବ। ଏହି ସମୟସୀମା ମଧ୍ୟରେ ରୁଟିନ୍ କାର୍ଯ୍ୟଗୁଡିକ ମଧ୍ୟ ବନ୍ଦ ରହିପାରେ ।ଏହାସହ ଆସନ୍ତାକାଲି ବସିବାକୁ ଥିବା ପୂର୍ଣ୍ଣ କୋର୍ଟ ୧୮ ତାରିଖ ଦିନ ୨ଟା ବେଳେ ଭର୍ଚୁଆଲ୍ ମୋଡରେ ବସିବ। କରୋନା ସଂକ୍ରମଣ ବ?ୁଥିବାରୁ ଜାରି ସମସ୍ତ ଗାଇଡଲାଇନକୁ ପାଳନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦିଆଯାଇଛି ।ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ରାଜ୍ୟରେ ୮୭୭୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କ୍ୱାରେଣ୍ଟାଇନ୍‌ରୁ ୫୦୯୬ ଚିହ୍ନଟ ହୋଇଥିବା ବେଳେ ଲୋକାଲ୍ କେସ୍ ୩୬୮୨। ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୭୯୨ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୧୦ ଲକ୍ଷ ୯୧ ହଜାର ୫୪୭କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୬୧୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୨୫୨ ଚିହ୍ନଟ ହୋଇଥିବା ବେଳେ କଟକରୁ ୭୬୬, ସମ୍ବଲପୁରରୁ ୫୯୬, ମୟୂରଭଞ୍ଜରୁ ୩୩୮, ପୁରୀରୁ ୨୧୬ ପଜିଟିଭ ଚିହ୍ନଟ ହୋଇଛନ୍ତି।

## ସରକାରୀ ଚାକିରି ଆବେଦନ ବୟସ ସୀମା ବଢ଼ାଇବା ଭେଳିକି : ଯୁବ କଂଗ୍ରେସ

ଭୁବନେଶ୍ୱର, ୧୨।୧(ପି.ଏନ): ରାଜ୍ୟ ସରକାର ସରକାରୀ ଚାକିରି ଆବେଦନ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୩୮ବର୍ଷକୁ ବୃଦ୍ଧି କରିଛନ୍ତି। ତେବେ ଏହି ନିୟମ କେବଳ ୩ ବର୍ଷ ପାଇଁ ବଳବତର ରହିବା ନେଇ ରାଜ୍ୟ ସରକାରଙ୍କ ଏଭଳି ଘୋଷଣା କେବଳ ଧର୍ମକୁ ଆଖିଠାର ବୋଲି କହିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା। ଏକ ପ୍ରେସ ବିବୃତିରେ ଡ. ଲେଙ୍କା କହିଛନ୍ତି ଯେ, ରାଜ୍ୟ ସରକାର କେବଳ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବପିଢ଼ିଙ୍କୁ ଭଣ୍ଡାଇବା ପାଇଁ ଏଭଳି ଘୋଷଣା କରିଛନ୍ତି। ବାସ୍ତବରେ ବେକାରୀ ସମସ୍ୟା ସମାଧାନ ଓ ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସରକାରଙ୍କର କୌଣସି ଆନ୍ତରିକତା ନାହିଁ। ତାହା ନ ହୋଇଥିଲେ ସରକାର ଏହି ନିୟମ କେବଳ ତିନି ବର୍ଷ ପାଇଁ କାହିଁକି ଲାଗୁ କରିଛନ୍ତି ।ଡ. ଲେଙ୍କା କହିଛନ୍ତି ଯେ, ସରକାରୀ ଚାକିରି ଆବେଦନ ବୟସ ସୀମା ୪୨ବର୍ଷକୁ ବୃଦ୍ଧି କରିବା ନିମନ୍ତେ ବହୁ ଆଗରୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି। ଆସନ୍ତା ତିନି ବର୍ଷରେ କେତେ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ତାହା ଦେଖିବାର ଅଛି। ଅନ୍ୟପକ୍ଷରେ ମାତ୍ର ତିନିବର୍ଷ ପାଇଁ କାହିଁକି, ସବୁଦିନ ପାଇଁ ଏଭଳି ନିୟମ ଲାଗୁ କରିବାରେ କ'ଣ ଅସୁବିଧା ରହିଛି ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ. ଲେଙ୍କା ଦାବି କରିଛନ୍ତି। ଆଜି ଜାତୀୟ ଯୁବ ଦିବସ ଅବସରରେ ନୂଆପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନଙ୍କ ନେତୃତ୍ୱରେ କୋମନା ଠାରେ ଏକ ଗଣଦୌଡ଼ 'ରନ୍ ଫର ରାଜୀବ' ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ ଉଦ୍‌ଘାଟନ କରିବା ସହ ଯୁବପିଢ଼ି ଏକ ସଶକ୍ତ ଓ ବିକାଶଶୀଳ ସୁନାର ଓଡ଼ିଶା ଗଠନରେ ଅଗ୍ରସର ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏଥିସହ ଓଡ଼ିଶାରେ ସରକାରୀ ଚାକିରି ଆବେଦନ ସର୍ବୋଚ୍ଚ ବୟସ ସୀମା ୪୨ବର୍ଷ କରିବା ପାଇଁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଚନ୍ଦ୍ରକାନ୍ତ କାଣ୍ଡି, ଆୟୁଷ ଗୁପ୍ତା, ଅନନ୍ତ ସୋନି, ନରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜାନୁଆରୀ ୧୩

# ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଗତି !



ଏବେ ସରକାରଙ୍କ ପାଇଁ ଆମ ସ୍ୱାସ୍ଥ୍ୟ ଭିତିଭୂମି ମଜଭୁତ କରିବା ସମୟ ଆସିଛି । ମହାମାରୀ କରୋନାର ତାଣ୍ଡବ ବେଳେ ଏହାର ସାମ୍ନା କରିବା ପାଇଁ ସରକାରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା । ବାସ୍ତବତା ଦେଖାଗଲେ, କରୋନା ସହ ଲଢିବାକୁ ଆମ ଦେଶ ଓ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ପ୍ରାୟତଃ ସକ୍ଷମ ନୁହେଁ । ଏଠାରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି । ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି । ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟାରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍‌ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ । ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ । ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି । ହେଲେ ସ୍ୱାସ୍ଥ୍ୟସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ । ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ ( ? ), କେହି କିଛି ଜାଣିପାରୁନାହାଁନ୍ତି । କେବଳ ଜଳଜଳ ଦେଖାଯାଉଛି, ସାରା ରାଜ୍ୟରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା । ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି ।

୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ କାର୍ଯ୍ୟକାରୀ ହେବାପରଠାରୁ ରକ୍ତହୀନତା ରୋଗ ଓ ଏଥିଜନିତ ମୃତ୍ୟୁସଂଖ୍ୟାରେ ସେମିତି କିଛି  ନିୟନ୍ତ୍ରଣ ହୋଇନାହିଁ । ଏପରିକି ରାଜ୍ୟରେ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଥିବା ଦେଖାଯାଉଛି । ସରକାରୀ ଡ଼ାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି । ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି । ଡ଼ାକ୍ତରଖାନାଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ' ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି । ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି । ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି । କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ପରେ ବଂଟାଯାଏ ଓ ଆଉ କିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ । ମୋଟ ଉପରେ ଆମର ଚିକିତ୍ସା ବ୍ୟବସ୍ଥା ଏଭଳି ଢଙ୍ଗରେ ଚାଲିଛି ଯେ, ସରକାରୀ ଚିକିତ୍ସାଳୟ କେବଳ ଲୋକଦେଖାଣିଆ, ହେଲେ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ।

ବାସ୍ତବତା ଦେଖାଗଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ହୋଇପାରିନାହିଁ । କୌଣସି ସମୟରେ ଏନ୍‌ଏଚ୍‌ଏମ୍ ଯୋଜନା ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖିଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ସରକାର ଚିନ୍ତା କଲେଣି କି ? ଆଜି ଯେତିକି ଭିତିଭୂମିର ବିକାଶ ହୋଇଛି, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ । ତେବେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟସେବା ପାଇଁ କିଭଳି ଦାନ ରହିଛି, ଜାଣିହେଉନାହିଁ । ଶହଶହ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଉପକରଣ କିଣାଯାଉଛି ସିନା, ସେସବୁ ରୋଗୀମାନଙ୍କ ସେବାରେ ଲାଗୁନି । ସେଥିମଧ୍ୟରେ ଅଧିକାଂଶ ଔଷଧ ଓ ଉପକରଣ ଅତି ନିମ୍ନମାନର । ଯଦିଓ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତାର ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତା, ଏହି ମିସନ୍ ଅର୍ଥରେ ବି ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇସାରନ୍ତାଣି । ଆଜି ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଦର୍ଶ କରିପାରିନାହିଁ । ଅଯଥା ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ଅପାରଗତା ଓ ସରକାରୀ ନିୟମ ଉଲଘଂନ ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇଯାଇଛି । କାହିଁକି ଚିକିତ୍ସା ସେବାରେ ଉନ୍ନତି ହୋଇପାରୁନି ବା ଆବଶ୍ୟକୀୟ ଭିତିଭୂମିର ବିକାଶ ହେଉନାହିଁ, ସେ ସଂପର୍କରେ କେହି ଭାବୁଛନ୍ତି କି ?

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼"(ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି । ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ । ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫ । ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ୨୮ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩ । ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ' ଭିନ୍ନ କଥା, ହେଲେ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି । ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍‌ଏନ୍, ଡ଼ିପିଏଚ୍‌ଏନ, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲ୍‌ଟି, ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି ।

କରୋନା ସମୟରେ ମୁଖ୍ୟତଃ ନର୍ସମାନଙ୍କର ସେବାକୁ ସବୁ ମହଲରେ ଭୂରିଭୂରି ପ୍ରଶଂସା କରାଯାଇଥିଲା । ଏଣୁ ସେମାନଙ୍କର ସେବାକୁ ସମ୍ମାନ ଦେଇ ସେମାନଙ୍କ ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରାଯିବାର ଆବଶ୍ୟକତା ଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ମହାମାରୀର ତାଣ୍ଡବ ବେଳେ ନର୍ସମାନେ ନିଜ ଜୀବନକୁ ଖାତିର ନକରି ସାଧାରଣ ଲୋକମାନଙ୍କୁ ଅକୁଣ୍ଠିତ ସେବା ଯୋଗାଇଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ବହୁ ନର୍ସ ଅବସର ନେବେ । ମାତ୍ର ଏହି ସମୟରେ ସରକାର ସେହି ଅଭିଜ୍ଞ ନର୍ସମାନଙ୍କୁ ଅବସର ଦେବା ଠିକ୍ ନୁହେଁ ବୋଲି କୁହାଯାଉଛି । ଏଣୁ ମୁଖ୍ୟମନ୍ତ୍ରୀ ନର୍ସମାନଙ୍କର ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରି ସେମାନଙ୍କ ଉତ୍ସର୍ଗୀକୃତ ସେବାକୁ ପୁରସ୍କୃତ କରିବା ଆବଶ୍ୟକ । ଏହାଦ୍ୱାରା ନର୍ସ ଅଭାବ ପୂରଣ ହେବା ସହ ସେମାନଙ୍କ ନିଷ୍ଠା ପାଇଁ ସରକାର କିଛି କଲେ ବୋଲି ଜଣାପଡ଼ିବ ।

ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି । ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି । ଜାତୀୟ ସ୍ତରରେ ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି । ଜାତୀୟ ସ୍ତରରେ ଡାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି । ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ରହିଛି । କିନ୍ତୁ କର୍ଣ୍ଣାଟକ, ତାମିଲନାଡ୍ରୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି । ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି । ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି । ଆମ ପଡ଼ୋଶୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି । ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ଟି ମେଡ଼ିକାଲ୍ କଲେଜ ରହିଛି । ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତୀର୍ଣ୍ଣ ହେଉଛନ୍ତି । ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି । ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ । ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ । ଆଜି କରୋନା ଭୂତାଣୁର ତାଣ୍ଡବରୁ ରକ୍ଷାପାଇଁ ଆମେ ଡ଼ହଳବିକଳ ହେଉଛେ । ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତର କାର୍ଯ୍ୟରତ ଥାଆନ୍ତେ, ତେବେ ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରିପାରିଥାନ୍ତା । ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ ।

**ଶରତ କୁମାର ରାଉତ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮

# କଥା ସାହିତ୍ୟର ସମ୍ରାଟ ଫକୀରମୋହନ

............ଅକ୍ଷୟ କୁମାର ରାଉତ



ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନାଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନା ଚରିତାର୍ଥ କରନ୍ତି । ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହିପରି ଏକ ଘଡିସନ୍ଧି ମୁହୂର୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀରମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀରମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀରମୋହନଙ୍କର ପିତୃମାତୃଦତ ନାମ ଥିଲା ବ୍ରଜମୋହନ । ଦୁଃସାଧ ରୋଗରେ ପୀଡିତ ହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜମୋହନ ହେଲେ ଫକୀରମୋହନ ।

ବଡବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀରମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ା ଛାଡିଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀରମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧି ହୋଇ ପାଂଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ-**"ଲଜ୍ଜାବତୀ ନେଛତି ତନ୍ତ୍ର ଗନ୍ତୁମ୍ ।"** ଫକୀରମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

*"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ*
*ନବୀନ ଧାରାଧର ଚାରୁକେଶୀ*
*ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା*
*ଲଜ୍ଜାବତୀ ନେଛତି ତନ୍ତ୍ର ଗନ୍ତୁମ୍ ।"*

ଏହି ପଣ୍ଡିତଙ୍କଠାରୁ ଫକୀରମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀରମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖାପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀରମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀରମୋହନଙ୍କର କ୍ଷତି କରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୁଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀରମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରି ନ ଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୁରବସ୍ଥା ଲକ୍ଷ୍ୟକରି ଫକୀରମୋହନ ଦୁଃଖରେ ଅଭିଭୂତ ହୋଇପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଂଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀରମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା । ଏହିସବୁ ପରିସ୍ଥିତି ମଧ୍ୟରେ ଫକୀରମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ



ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀରମୋହନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ, ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ର ଭାଷା ନୟ' ନାମରେ ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଆ ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ-"ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷା ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ ।" ଫକୀରମୋହନଙ୍କ ପ୍ରଚେଷ୍ଟା ଫଳରେ ରେମୁଣାଠାରେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା । ଏହି ସମୟରେ ଫକୀରମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମ ଭାଗ ୧୮୬୯ ଏବଂ ଦ୍ୱିତୀୟ ଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ ।

ଫକୀରମୋହନଙ୍କର ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଣ୍ଟ, ଫକୀରମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତ କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ ।

ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍. ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍କା ଉପରେ ବସି ନିଜ ଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ସାହାଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବେଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛ' ମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ., ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ., କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ., ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ., ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ. ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ.ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା । ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀରମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀରମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀରମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀରମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ । **(୧୯୦୨ ଖ୍ରୀ.ଅ.)**

୧୮୯୪ ଖ୍ରୀ.ଅ.ରେ ଫକୀରମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ । 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ ।

୧୯୧୬ରେ ଫକୀରମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସିହାରେ ଫକୀରମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଫକୀରମୋହନ ଇହଲୀଳା ସମ୍ବରଣ କରିଥିଲେ ।

*-ପାରଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ: ୯୯୩୭୬୯୧୪୭୫*

# ଅଫୁରନ୍ତ ଉଦ୍ୟମର ପରିଭାଷା...

## —ଜାତୀୟ ଯୁବ ଦିବସ ଅବସରରେ—



ସତେଜ ସକାଳ-୧୧

ଡି. ଶୁଭମ୍

ଗୋଟିଏ ଦେଶର ଅର୍ଥନୀତି ହେଉ କି ପ୍ରଗତି, ଏସବୁ ସେ ଦେଶର ଯୁବଶକ୍ତି ଉପରେ ନିର୍ଭର କରିଥାଏ, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଆମେ ଜାଣିଛନ୍ତି ଯୁବକମାନେ ହିଁ ପ୍ରଗତିର ମୂଳାଧାର । ଯୁବଶକ୍ତି- ଅଦମ୍ୟ ସାହସର ଅଭିଲିପି, ଅଫୁରନ୍ତ ଉଦ୍ୟମ ପରିଭାଷା ଆଉ ସର୍ବୋପରି ଏକ ଆଶା ଓ ବିଶ୍ୱାସକୁ ସାଙ୍ଗରେ ନେଇ ଆଗକୁ ବଢୁଥିବା ଅଗ୍ନିଶିଖା । ଯୁବକଟିଏ କେବେ ବସେନି । ସେ ରାଜନୀତିକ କ୍ଷେତ୍ର ହେଉ କି ସାମାଜିକ ସବୁଠି ଯୁବକମାନଙ୍କର ପାରଦର୍ଶିତାକୁ ଆମେ ଅନୁଭବ କରୁଛେ । ଏହା ନିଃସନ୍ଦେହ ଯେ ବୟୋଜ୍ୟେଷ୍ଠମାନଙ୍କ ଠାରୁ ବର୍ତ୍ତମାନ ସମୟର ଯୁବଗୋଷ୍ଠୀ ବିଭିନ୍ନ କ୍ଷେତ୍ରରେ ଅଧିକ ପାରଙ୍ଗମ । ତେବେ କଥା ଉଠୁଛି ଯଦି ଆମ ଦେଶରେ ଯୁବକମାନେ ପାରିବାପଣିଆର ଅଧିକାରୀ, ତା'ହେଲେ ସେହି ଯୁବକଟିଏ ପାଠପଢ଼ା ସାରି କ'ଣ ପାଇଁ ବେକାର ହୋଇ ଘରେ ବସୁଛି !

ଆମେ ପ୍ରତିବର୍ଷ ୧୨ ଜାନୁଆରୀରେ ଜାତୀୟ ଯୁବ ଦିବସ ପାଳୁଛନ୍ତି । ଏହାର ଅନୁଚିନ୍ତା ଓ ଆଭିମୁଖ୍ୟ ବିଷୟରେ ସବୁଆଡ଼େ ବଖାଣୁଛନ୍ତି । ଯୁବକମାନଙ୍କର ରାଷ୍ଟ୍ର ଗଠନର ଭୂମିକା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି । କିନ୍ତୁ ଏତିକିରେ କ'ଣ ଯୁବଦିବସର ଉଦ୍ଦେଶ୍ୟ ପୂରଣ ହୋଇଯାଏ ? ? ଆମେ ଯଦି ଆମ ଚାରିପାଖକୁ ଆଖିବୁଲେଇ ଦେଖିବା ତେବେ ନିହାତି ଭାବେ ଅନୁଭବ କରିପାରିବା ଏ ଦେଶର ଯୁବକମାନଙ୍କ ଅବସ୍ଥାକୁ । ଦେଶ କଥା ଛାଡ଼ନ୍ତୁ, ଆମ ରାଜ୍ୟ କଥା ଚିନ୍ତା କଲେ ବି ଦୁଃଖ ଲାଗେ । ରାଜଧାନୀର ରାଜରାସ୍ତାରେ ଚାକିରୀ ଖଣ୍ଡେ ପାଇଁ ଶୀତ କାକର କି ଖରାବର୍ଷାକୁ ଖାତିର ନକରି ଡ଼ିଗ୍ରୀଧାରୀ ପିଲା ଆନ୍ଦୋଳନ କରନ୍ତି । ଖଣ୍ଡିଏ ଚାକିରୀ ପାଇଁ ଗୁହାରୀ କରିବାକୁ ଆସନ୍ତି କାହିଁ କେତେ ଦୂରରୁ । ଏସବୁ କ'ଣ ଯୁବଦିବସର ରୂପରେଖ ? ଆମ ଯୁବକମାନେ ଆମ ମେରୁଦଣ୍ଡ । ଯଦି ଗୋଟେ ରାଜ୍ୟର ମେରୁଦଣ୍ଡ ଦୁର୍ବଳ ହୋଇପଡ଼ିବ, ସେ ଦେଶ କ'ଣ ଆଗକୁ ଯାଇପାରିବ । ଏକଥା ସମସ୍ତଙ୍କୁ ଭାବିବାର ସମୟ ଆସିଛି । କହିବା ବାହୁଲ୍ୟ ଯେ କେବଳ ଯୁବକ ଯେ ଚାକିରୀ ପାଇଁ ଆନ୍ଦୋଳନ କରୁଛନ୍ତି ସେକଥା ନୁହେଁ, ନିଯୁକ୍ତି ପ୍ରକ୍ରିୟାରେ ଶୋଷଣ ହେଉଛନ୍ତି । ପେଟ ପୋଷିବା ପାଇଁ ଯେଉଁ ଯୁବକମାନେ ରଙ୍ଗୀନ ସ୍ୱପ୍ନ ସବୁ ଦେଖି ମତୁଆଲା ହେଉଛନ୍ତି ସେଇମାନେ ହିଁ ଶେଷରେ ଏହି ଶୋଷିତ ହେଉଛନ୍ତି । ଆମେ ଜାଣୁ ଶିକ୍ଷା-ଅମାନିଆ ମନର ମୋହ ଭାଙ୍ଗେ, ସଂକୁଚିତ ମନର ପ୍ରାଚୀରକୁ ଭାଙ୍ଗି ଏକ ବୃହତ୍ତର ପରିବେଶ ଯୋଗାଇଦିଏ । ହୃଦୟର ସକଳ ଦ୍ୱାରର ଉନ୍ମୋଚନ କରେ...ବଂଚିବାର ରାହା ଯୋଗାଏ, ମାନବିକ ମୂଲ୍ୟବୋଧର ଆଦର୍ଶରେ ଉଦୀୟମାନ କରେ ଆଉ ଯିଏ ଅନ୍ଧ ଭିତରୁ ବହୁତକୁ ବାଟ ଦେଖାଏ । ଶିକ୍ଷା ମଣିଷକୁ ଆଗକୁ ଯିବାପାଇଁ ପ୍ରେରଣା ଦିଏ । ଅନ୍ଧାରରୁ ଆଲୋକକୁ ରାସ୍ତା ଦେଖାଏ । ମାୟା ମୋହର ଯାବତୀୟ ବନ୍ଧନର ଦ୍ୱାରକୁ ଭାଙ୍ଗି ଏକ ନୂତନତାର ସ୍ପର୍ଶ ଦେଖାଏ ।

'ସା ବିଦ୍ୟା ଯା ବିମୁକ୍ତୟେ'- ଅର୍ଥାତ ବିଦ୍ୟା ତାହା ଯିଏ ମୁକ୍ତି ପ୍ରଦାନ କରେ । ତେବେ ଶିକ୍ଷା ସମ୍ବନ୍ଧରେ ଏତେକଥା ଜାଣିଲା ପରେ ମଧ୍ୟ ଏହାର ଗୁରୁତ୍ୱକୁ କେହି ଉପଲବ୍ଧି କରିପାରିନାହାନ୍ତି । ପାଠ ପଢି ପାସ କରିଦେଲେ ଯେ ଶିକ୍ଷାର ଅବଧି ସମାପ୍ତ ହୋଇଯାଏ, ଏହା ଏବେବି ଅନେକଙ୍କ ମନର କଳ୍ପନା ଭାବେ ବସା ବାନ୍ଧିଛି । କ୍ଷୁଦ୍ରତାର ମୋହକୁ ପରିତ୍ୟାଗ କରିବାର ଅର୍ଥ ମଧ୍ୟ ଏବେ ଅନେକ ବୁଝିପାରନ୍ତିନି । ଶିକ୍ଷା ପ୍ରତି ଶ୍ରଦ୍ଧା ରହିଲେ ହିଁ ଜଣେ ଏହାର ଗ୍ରାହକ ହୋଇପାରିବ । ଏସବୁ ଏବେ କେବଳ ବାକ୍ୟରେ ସୀମିତ ହୋଇ ରହିଯାଇଛି । ଏକବିଂଶ ଶତାବ୍ଦୀର ପାଦଦେଶରେ ଆଜିର ମନୁଷ୍ୟ ସମାଜ । କଥାରେ ଅଛି-'ଅଳ୍ପବିଦ୍ୟା ଭୟଙ୍କରୀ' । ସତରେ ସେହି ଅଳ୍ପ ବିଦ୍ୟା ଭିତରେ କେବେ ଦିବ୍ୟ ସନ୍ତୋଷକୁ ଦେଖିହୁଏନାହିଁ । ନା ଥାଏ ଶ୍ରଦ୍ଧା, ନା ଥାଏ କିଛି ଜାଣିବାର ଅଦମ୍ୟ ଇଚ୍ଛା । କହିବାର ତାତ୍ପର୍ଯ୍ୟ ଏହା କି ଆଜିର ସମାଜରେ ଶିକ୍ଷାକୁ ଗୁରୁତ୍ୱର ସହ ନିଆଯାଉନାହିଁ । ପରୀକ୍ଷାରେ ପାସ କରି ଡିଗ୍ରୀ ହାସଲ କରିଦେଲେ ଶିକ୍ଷାର ଅନ୍ତ ଘଟିଲାପରି ମନେହୁଏ । ଆଜିର ଶିକ୍ଷା ବ୍ୟବସ୍ଥା ମଣିଷକୁ ଅମଣିଷରେ ରୂପାନ୍ତରିତ କରିଛି । ତେଣୁ ଶିକ୍ଷିତ ସମାଜ ଦେଶ ଜାତି ପ୍ରତି ତା'ର କର୍ତ୍ତବ୍ୟ ଭୁଲିଯାଉଛି ।

ଆଜିର ଯୁବସମାଜ କାଲିର ଭବିଷ୍ୟତ । ଯୁବକମାନେ ଏବର ସମାଜ ଆଉ ଦେଶର ପରିମାପକ । ପ୍ରତ୍ୟେକଟି ଯୁବକ ପାଠ ପଢ଼ିଲାବେଳେ ଭାବିଥାଏ ଭଲ ପାଠ ପଢ଼ି ଚାକିରୀ ଖଣ୍ଡେ କରିବ । ଏବେ ବିଭିନ୍ନ ସ୍ନାତକ ଓ ଡ଼ିଗ୍ରୀଧାରୀ ଶିକ୍ଷା ପ୍ରଚଳିତ । ଅନେକ ଯୁବଗୋଷ୍ଠୀ ଏହିସବୁ ଶିକ୍ଷା ଲାଭ କରି ହାତରେ ଡ଼ିଗ୍ରୀ କି ସ୍ନାତକର ସାର୍ଟିଫିକେଟ୍ ଧରି ବୁଲୁଛନ୍ତି । ହେଲେ ନିଯୁକ୍ତି ନାହିଁ । ଆଜି ସାରା ଭାରତବର୍ଷରେ କେରଳ ସାକ୍ଷରତା ହାରରେ ବେଶୀ ଥିବାବେଳେ ଓଡ଼ିଶା ପଛୁଆ କ'ଣ ପାଇଁ ? ନିର୍ବାଚନ ସମୟରେ ନେତାମାନେ ନିଜ ବକ୍ତବ୍ୟରେ ଯୁବନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ହେଲେ ସମ୍ପ୍ରତି ବେରୋଜଗାର ବଢ଼ିଛି । ସାକ୍ଷରତାର ହାର କମିଛି । ଏସବୁ ପାଇଁ ଦାୟୀ କିଏ ? ? ଓଡ଼ିଶାରେ ଶିଳ୍ପର ସଂଖ୍ୟା କମ୍ ନାହିଁ । କାରଣ ଓଡ଼ିଶା ବିଭିନ୍ନପ୍ରକାର ଖଣିଜ ସମ୍ପଦରେ ପରିପୂର୍ଣ୍ଣ । ଓଡ଼ିଶାରୁ ଅନେକ କଂଚାମାଲ୍ ଅନ୍ୟ ରାଜ୍ୟ ଓ ବିଦେଶକୁ ବି ରପ୍ତାନୀ ହୁଏ । ତେବେ ଏହିସବୁ ଶିଳ୍ପକାରଖାନାରେ ଓଡ଼ିଶାର ଯୁବକମାନଙ୍କୁ ସ୍ଥାନ ଦେବାରେ ଅସୁବିଧା କେଉଁଠି ? ? ଆଜିବି ଅନେକ ଯୁବକଯୁବତୀ ଚାକିରୀ ଆଶାରେ ଅନେକ ଜାଗା ଦୌଡୁଛନ୍ତି । ଏହାରି ଭିତରେ ସେମାନଙ୍କୁ ଶୋଷଣ କରିବାର ସୁଯୋଗ ନେଉଛନ୍ତି କେତେକ ବହୁରୂପୀ ଦଲାଲଗଣ । ଚାକିରୀ କରେଇଦେବା ଆଶାରେ ଯୁବକମାନଙ୍କୁ ମୋହ ଦେଖେଇ ସେମାନଙ୍କଠାରୁ ମୋଟାଅଙ୍କର ଟଙ୍କା ନେଉଛନ୍ତି । ଆଉ ଥରେ ଟଙ୍କା ହାତକୁ ଆସିଲା ପରେ ସେ କମ୍ପାନୀ କି ଦଲାଲର ଦେଖା ନ ଥାଏ । ବାସ୍ତବରେ ଏସବୁ କଥା ଆଜିବି ସରକାରଙ୍କ କାନରେ ପଡୁନାହିଁ । ସରକାର କେବଳ ନିଯୁକ୍ତି ନିଯୁକ୍ତିର ଆଶା ଦେଖାଉଛନ୍ତି, ହେଲେ ଏହା କେତେଦୂର ସଫଳ ହୋଇପାରିଛି, ସେକଥା ଆଜିର ଯୁବଗୋଷ୍ଠୀ ହିଁ କହିପାରିବେ । ଆଜି ଓଡ଼ିଶାର ଯୁବକମାନେ ବାହାର ରାଜ୍ୟରେ ଯାଇ ଦାଦନ ଖଟୁଛନ୍ତି । ଭଲ ଇଂଜିନିୟରିଂ କଲେଜରୁ ପାଠପଢ଼ା ସାରି ଘରେ ବସିରହୁଛନ୍ତି । ଓଡ଼ିଶାରେ ଆବଶ୍ୟକୀୟ ନିଯୁକ୍ତିପଦ ଥାଉଥାଉ ଓଡ଼ିଆମାନେ ବିଦେଶରେ କେତେଟା ପଇସା ପାଇଁ ଖଟୁଛନ୍ତି ଓ ସେମାନଙ୍କ ଦ୍ୱାରା ଶୋଷିତ ହେଉଛନ୍ତି । ସତରେ ଏସବୁ ଅତି ଦୁଃଖ ଓ ନିନ୍ଦାର ବିଷୟ ।

ସମୟ ଆସିଛି ସଚେତନ ହେବାର । ସରକାରଙ୍କୁ ଅନୁରୋଧ ଏହି ଯୁବଗୋଷ୍ଠୀଙ୍କ ନିଯୁକ୍ତି ଉପରେ ଦୃଷ୍ଟି ଦିଅନ୍ତୁ । ଆମ ଓଡ଼ିଆ ପିଲା ଓଡ଼ିଶାରେ ରହି ଚାକିରୀ କରିବ । ବାହାର ରାଜ୍ୟରେ ଦାଦନ ଖଟିବ ନାହିଁ । ତାହାହେଲେ ଯାଇ ଆମେ ଗର୍ବରେ ନିଜକୁ ଓଡ଼ିଆ ବୋଲି କହିପାରିବା ।

*ବାସୁଦେବପୁର, ଭଦ୍ରକ, ମୋ-୯୪୩୮୪୬୭୦୭୯*




# ନାଲ୍କୋର ଘରୋଇକରଣ କୁ କେନ୍ଦ୍ରୀୟ ସଂଗଠନ ଓ ନାଲ୍କୋର କର୍ମଚାରୀ ମାନଙ୍କ ବିରୋଧ



ଭୁବନେଶ୍ୱର,(ପି.ଏନ) : ଆଜି ସ୍ଥାନୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟ ଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସମେତ ନାଲ୍କୋ ର କର୍ମଚାରୀ ସଂଗଠନ ମାନେ କେନ୍ଦ୍ରରେ ଥିବା ବିଜେପି ସରକାର ନାଲ୍କୋର ଘରୋଇକରଣ ବା ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିଲାଗି ସାରା ରାଜ୍ୟରେ ବ୍ୟାପକ ଅଭିଯାନ କରାଯିବ ବୋଲି କୁହାଯାଇଛି । ନାଲ୍କୋ ଓଡ଼ିଶାର ଗୌରବ ଏହାକୁ କୌଣସି ପୁଞ୍ଜିପତି ଙ୍କ ହସ୍ତରେ ଛଡ଼ା ଦିଆଯିବ ନାହିଁ । ନାଲ୍କୋ ସରକାରଙ୍କୁ ୩୦,୦୦୦ କୋଟି ଟଙ୍କା ଆଜିଯାଏ ଦେଶର ବିକାଶ କରିବା ଲାଗି ପ୍ରଦାନ କରିଥିବା ଓ ବିଭିନ୍ନ ସି.ଏସ୍.ଆର କାର୍ଯ୍ୟକ୍ରମରେ ଭାଗନେଉଥିବା ବେଳେ ଏହାକୁ କାହାର ସ୍ୱାର୍ଥରେ ଘରୋଇକରଣ କରାଯାଉଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆସଭାପତିତ୍ୱ କରି କହିଲେ ନାଲ୍କୋ ପୁଞ୍ଜିପତ୍ୟାହାର ନକରିବାକୁ ବ୍ୟାପକ ଓଡ଼ିଶାବାସୀଙ୍କ ଭିତରେ ବ୍ୟାପକ ଜାଗ୍ରତ ସୃଷ୍ଟି କରାଯିବ । ଏହି ଅଭିଯାଜନକୁ ଦାମନଯୋଡ଼ି, କୋରାପୁଟ ଓ ଅନୁଗୁଳ ଅଂଚଳରେ ବ୍ୟାପକ କରାଯିବ ସହ ୫୦,୦୦୦ ପ୍ରାଚୀର ପତ୍ର ବଣ୍ଟନ ସହିତ ନାଲ୍କୋ କର୍ମଚାରୀମାନେ ରାଜରାସ୍ତାକୁ ଆସିବାକୁ ନିଷ୍ପତ୍ତି, ସାମ୍ବାଦିକ ଗଣ ମାଧମରେ ବ୍ୟାପକ ପ୍ରଚାର, ପ୍ରସାର ଆଦି କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତ୍ତି ନିଆଯିବ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି - ମଦନ ମୋହନ ଧଳ, ସି.ଆଇ.ଟି.ୟୁର ନେତା - ଉପେନ୍ଦ୍ର ନାୟକ, ଏଚ.ଏମ୍.ଏସ୍.ର ନେତା - ବିରେନ୍ଦ୍ର ପ୍ରସାଦ ଦାସ, ଏ.ଆଇ.ୟୁ.ଟି.ୟୁ.ସିର ନେତା - ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ନେତା - ରାଧାକାନ୍ତ ସେଠି, ମହେନ୍ଦ୍ର ପରିଡ଼ା, ଟି.ୟୁ.ସି.ସି.ର ନେତା - ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ ।

## ବାହୁଡ଼ା ଦାସ ମଠରେ ଶାମ୍ବ ଦଶମୀ

ଫୁଲନଖରା, (ପି.ଏନ): ସଦର ଥାନା କୁଶକଣ୍ଟାସ୍ଥିତ ସନ୍ଥ ବାହୁଡ଼ା ଦାସ ମଠରେ ଶାମ୍ବ ଦଶମୀ ଓ ବାର୍ଷିକ ଉତ୍ସବ କରୋନା କଟକଣା ମଧ୍ୟରେ ପାଳନ ହୋଇଛି । ଏହି ଉପଲକ୍ଷେ ବୁଧବାର ସକାଳୁ ପୀଠରେ ସନ୍ଥ ଗୋସ୍ୱାମୀ ବାହୁଡ଼ା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଭାଗବତ ପାଠ ହୋଇଥିଲା । ସଂଧ୍ୟାରେ ନାମ ସଂକୀର୍ତ୍ତନ ଓ ବାହୁଡ଼ା ଭଜନ ପରିବେଷଣ ହୋଇଥିଲା । ସନ୍ଥ ବାହୁଡ଼ା ଦାସ ଭୋଇ ସମାଜ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗିରିଶଚନ୍ଦ୍ର ନାୟକ, ସମ୍ପାଦକ ଅତୁଲ୍ୟକୁମାର ନାୟକ, ବାବୁଲି ଦାସ, ସଂଜୟ ସାମଲ, ଅଭୟକୁମାର ଭୋଇ, ମନୋଜକୁମାର ଭୋଇ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପରିଷଦ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା ।

# ଜୀ ସାର୍ଥକ ରେ ଅନୁଭବଙ୍କ ନୂଆ ଗେମ୍ ସୋ ଦାଦାଗିରୀ

ଖୋର୍ଦ୍ଧା, (ପି.ଏନ): ଜୀବନର ଛୋଟରୁ ଛୋଟ କାମ ବି ନିଏ ବିଶାଳ ରୂପ । ଯଦି ସେଥିରେ ଥାଏ ହୃଦୟର ସ୍ପର୍ଶ ଛୋଟରୁ ଛୋଟ ସ୍ୱପ୍ନ ଦିନେ ଛୁଏଁ ସଫଳତାର ଶିଖର । ଯଦି ତାହା ଦେଖା ହୁଏ ହୃଦୟରୁ ଏକଥା ଅନୁଭବଙ୍କର ନୁହଁ ତାଙ୍କ ମା'ଙ୍କର । ତେଣୁ ଆଜି ଯାଏଁ ଅନୁଭବ ଯାହା କିଛି କରିଛନ୍ତି ତାଙ୍କ ହୃଦୟରୁ । ଆଉ ଓଡ଼ିଶାର ପ୍ରତିଟି ପ୍ରାନ୍ତରେ ତାଙ୍କ ଭଳି ଅନେକ ବ୍ୟକ୍ତି ଅଛନ୍ତି । ଯେଉଁମାନେ ଦିନରାତି କାମ କରନ୍ତି ହୃଦୟରୁ । ଏଭଳି ବ୍ୟକ୍ତିତ୍ୱଙ୍କୁ ନେଇ ପ୍ରଥମ ଥର ଓଲିଉଡ଼ ସୁପରଷ୍ଟାର ଅନୁଭବ ଆସୁଛନ୍ତି । ଓଡ଼ିଶା ଟେଲିଭିଜନ ଇତିହାସରେ ସବୁଠୁ ବଡ଼ ମନୋରଞ୍ଜନଭରା ରିୟାଲିଟି ଶୋ ଦାଦାଗିରିରେ । ଯେଉଁଠି ଅନୁଭବଙ୍କ ସହିତ ଭାଗନେବେ ଓଡ଼ିଶାର ୩୦ଟି ଜିଲ୍ଲା ଏବଂ ତାଙ୍କ ସହିତ କରିବେ ଦାଦାଗିରି ହୃଦୟରୁ । ଜୀସାର୍ଥକ କେବଳ ମନୋରଞ୍ଜନର ମାଧମ ନୁହେଁ, ଦର୍ଶକମାନଙ୍କୁ ସାଥୀରେ ସବୁବେଳେ ଥାଏ । ଦର୍ଶକମାନଙ୍କ ପାଇଁ ଦର୍ଶକମାନଙ୍କ ସହ ମିଶି ଏହିପରି ଏକ ନୂଆ ମେଗା ରିଆଲିଟି ଶୋ' ଦାଦାଗିରିର ପରିକଳ୍ପନା କରିଛି । ପ୍ରଥମ ଥର ପାଇଁ ଓଡ଼ିଆ ଚଳଚିତ୍ରର ସୁପରଷ୍ଟାର୍ ଅନୁଭବ କରିବେ ଦାଦାଗିରି । ଆଉ କାହା ସହ ନୁହେଁ, ଜୀସାର୍ଥକର ଦର୍ଶକମାନଙ୍କ ସହ । ଆସନ୍ତା ଜାନୁଆରୀ ୧୫ ତାରିଖ ରାତି ୯ଟାରେ ଜୀସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଏହି ନିଆରା କାର୍ଯ୍ୟକ୍ରମ । ଯେଉଁଥିରେ ଦାଦାଗିରି ଦେଖାଇବେ ଦମଦାର ଅଭିନେତା ଅନୁଭବ । ସବୁରି ପ୍ରିୟ ମେଳାପି, ବନ୍ଧୁ ବତ୍ସଳ ଅନୁଭବ ଏଥର ଦର୍ଶକମାନଙ୍କ ହୃଦୟରେ କରିବେ ରାଜ୍ । ସେଥିପାଇଁ ଉତ୍ସାହିତ ଅନୁଭବ ପ୍ରେମୀ । ସବୁବେଳେ ବଡ଼ ପରଦାରେ ସେ ସୁଯୋଗ ପାଇବେ । ଚ୍ୟାନେଲ ମୁଖ୍ୟ ଶ୍ରୀ ଅର୍ଘ୍ୟ ରାୟଚୌଧୁରୀ ଏହି କାର୍ଯ୍ୟକ୍ରମ ପ୍ରସାରଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଯେ ଏହି ନିଆରା ରିଆଲିଟି ଗେମ ଶୋ "ଦାଦାଗିରି" ହୃଦୟରୁ ଏହି କାର୍ଯ୍ୟକ୍ରମ ନିଶ୍ଚିତଭାବରେ ଦର୍ଶକଙ୍କମନକୁ ଛୁଇଁବ ଓ ପ୍ରଭାବିତକରିବ । ଜୀ ସାର୍ଥକ ତାର ଅଗଣିତଦର୍ଶକଙ୍କ ମନୋରଞ୍ଜନ ସକାଶେ ନିରନ୍ତନ ଉଦ୍ୟମ କରିଆସିଛି ଏବଂ ଆଗମୀଦିନରେ ଏହି ପ୍ରୟାସ ଜାରୀ ରହିବ ।

# ଜଗତସିଂହପୁର ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଡେଇଁଲା : ପାରାଦୀପରେ ୫୦ ଆକ୍ରାନ୍ତ ଚିହ୍ନଟ

ପାରାଦୀପ,(ପି.ଏନ): ଦେଶ ତଥା ରାଜ୍ୟରେ କରୋନାର ତୃତୀୟ ଲହର ଧିରେ ଧିରେ ମାଡି ଚାଲିଲାଣି । ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ବୁଧବାର ଦିନ ଜଗତସିଂହପୁର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଶତକ ଅତିକ୍ରମ କରି ୧୧୪ରେ ପହଂଚିଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ଆକ୍ରାନ୍ତ ତାଲିକାରେ ପ୍ରଥମ ଥର ପାଇଁ ପାରାଦୀପ ଆଗରେ ରହିଛି । ଏହି ତାଲିକାରେ ପାରାଦୀପରୁ ୫୦ ଜଣ ଆକ୍ରାନ୍ତ ଥିବା ଜଣା ପଡିଛି । ଜିଲ୍ଲାର ବାଲିକୁଦା ବ୍ଲକ୍‌ରେ ୦୭ଜଣ,ବିରିଡିରେ ୦୮ଜଣ,ଏରସମାରେ ୦୬ଜଣ, କୁଜଙ୍ଗରେ ୫ଜଣ, ନାଉଗାଁରେ ୦୩ଜଣ, ତିର୍ତ୍ତୋଲରେ ୦୭ଜଣ, ରଘୁନାଥପୁରରେ ୦୯ଜଣ, ଜଗତସିଂହପୁର ବ୍ଲକ୍‌ରେ ୧୩ ଜଣ, ଜଗତସିଂହପୁର ପୌରାଂଚଳରେ ୦୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୂଚନା ଦେଇଛି । ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନିକ କଟକଣା ଦେଖିବାକୁ ମିଳୁନି । କୌଣସି ଯାଗାରେ ମାସ୍କ ଚେକିଙ୍ଗ, ସାମାଜିକ ଦୂରତା ନେଇ କୌଣସି ପ୍ରକାର ସଚେତନତା ଜାରୀ ହେଉନାହିଁ । ଫଳରେ ସାଧାରଣ ଲୋକ ଢିଲା ମାରି ଚାଲିଛନ୍ତି । ଯାହାରକି ଫଳ ସ୍ୱରୂପ ପାରାଦୀପରେ ସଂକ୍ରମିତଙ୍କ ସଂଖ୍ୟା ୫୦ରେ ପହଂଚିଛି । ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରର ଲୋକ ଯାଆ ଆସ କରୁଥିବାରୁ ଏଠାରେ ସଂଖ୍ୟା ବଢିଥାଇ ପାରେ ବୋଲି ଅନୁମାନ କରାଯାଉଛି । ପୌର ପ୍ରଶାସନ ଏଦିଗରେ ତତ୍ପରତା ଦେଖାଇଲେ ଜନସାଧାରଣ ଟିକେ ସଚେତନ ହୋଇ ପାରନ୍ତେ ।

# ଖୋଲା ପଡିଛି ବଡପଡିଆ ମୁଖ୍ୟ ଡ୍ରେନ୍- ପ୍ରତିକାର ପାଇଁ ସାଧାରଣରେ ଦାବୀ



ପାରାଦୀପ, (ପି.ଏନ): ପାରାଦୀପ ସହରର ନୂଆବଜାର, ବଡପଡିଆ ଅଂଚଳର ମୁଖ୍ୟ ଡ୍ରେନ୍ ସବୁ ବେଳେ ଖୋଲା ରହିବା ଯୋଗୁଁ ଏଥିରେ ବୁଲା ଗାଈ ଗୋରୁ, କୁକୁର, ମାନସିକ ବିକାରଗ୍ରସ୍ତ ଗଳି ପଡୁଥିବା ଦେଖିବାକୁ ମିଳୁଛି । ଏହି ଡ୍ରେନ୍ ମୁଖ୍ୟତଃ ନୂଆବଜାର, ବଡପଡିଆ ଅଂଚଳବାସୀଙ୍କ ଘରର ମଇଳା ପାଣି ଯିବା ପାଇଁ ଏକମାତ୍ର ଡ୍ରେନ୍ । ଏହା ନିୟମିତ ଭାବେ ସଫା ହୁଏ ନାହିଁ । ପାରାଦୀପ ପୌର ପାଳିକା ଏହି ମୁଖ୍ୟ ଡ୍ରେନ୍‌ର ନିୟମିତ ସଫା ନକରିବା ଫଳରେ ଏହି ଡ୍ରେନ୍ ଦେଇ ଯିବା ଆସିବା କଲା ବେଳେ ଲୋକମାନେ ନାକରେ ରୁମାଲ ଦେଇ ଯିବା ଆସିବା କରୁଥିବା ଦେଖିବାକୁ ମିଳେ । ମଇଳାରେ ଭରପୁର ଏହି ଡ୍ରେନ୍ ବର୍ଷା ଦିନ ପ୍ରବଳ ବର୍ଷା ହେଲେ ବର୍ଷା ପାଣିରେ ମଇଳା ଗୁଡିକ କପିଳ ଯୋରୀକୁ ଯାଇଥାଏ । ଅନ୍ୟ ଦିନ ମାନଙ୍କରେ ମଇଳା ଏହି ଡ୍ରେନ୍‌ରେ ଗଦା ହୋଇ ରହିଥାଏ । ପୌର ପ୍ରଶାସନ ପାରାଦୀପରୁ ବିପୁଳ ପରିମାଣର ଟିକସ ଆଦାୟ କରୁଥିବା ବେଳେ କେବଳ ଏହି ଡ୍ରେନ୍ ନୁହେଁ ସହରର ଅନ୍ୟ ସବୁ ଡ୍ରେନ୍ ଗୁଡିକୁ ନିୟମିତ ଭାବେ ସଫା କରିବାର ଦାୟିତ୍ୱକୁ ଭୂଲିଗଲେଣି । ପାରାଦୀପର ତଥା ବଡପଡିଆର ଏହି ମୁଖ୍ୟ ଡ୍ରେନ୍ ପାଖରେ ବାରିକେଟ୍ କରାଯାଆନ୍ତା ତେବେ ଏଥିରେ ବୁଲା ଗାଈ ଗୋରୁ, କୁକୁର, ମାନସିକ ବିକାରଗ୍ରସ୍ତ ଅନ୍ତତଃ ରକ୍ଷା ପାଇପାରନ୍ତେ ।

## ଡିନାମାଇଟ ବିସ୍ଫୋରଣରେ ପଥର ଖଣ୍ଡ ବାଜି ଆଜବେଷ୍ଟସ ଭାଙ୍ଗିଲା ଓ ମହିଳା ଗୁରୁତର ଆହତ

ଖୋର୍ଦ୍ଧା,(ପିଏନ) : ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ଗ୍ରାମ ନିକଟସ୍ଥ ଜାମୁସାହି ମୌଜାର ଲିମ୍ବ ମୁଣ୍ଡିଆ ପାହାଡରେ ଏଆଇପିଏଲ ଗତ ଦୁଇ ବର୍ଷ ଧରି ଲିଜ ସୂତ୍ରରେ ନେଇ ଡିନାମାଇଟ ଦ୍ୱାରା ପଥର ବିସ୍ଫୋରଣ କାର୍ଯ୍ୟ ଚାଲୁ ରଖି ଆସିଛି । ଆଜି ଅପରାହ୍ନରେ ନିକଟରେ ବାସ କରୁଥିବା ବିଜୟ ବେହେରାଙ୍କ ଆଜବେଷ୍ଟସ ଗୁହାଳ ଘର ଉପରେ ଡିନାମାଇଟ ଦ୍ୱାରା ବିସ୍ଫୋରଣ ହୋଇଥିବା ପଥରଖଣ୍ଡଟି ଗୁହାଳ ଘରର ଆଜବେଷ୍ଟସକୁ ଭାଙ୍ଗି ଶ୍ରୀ ବେହେରାଙ୍କ ପତ୍ନୀ ସୁବାସିନୀ (୨୭)ଙ୍କ କାନ ମୁଣ୍ଡାରେ ବାଜି ପେଟ ଦେଇ ଗୋଡରେ ଆଘାତ ଦେଇଥିଲା । ଫଳରେ ତାଙ୍କ ଚିତ୍କାର ଶୁଣି ପରିବାର ଲୋକମାନେ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମିତ ଭର୍ତି କରାଇଥିଲେ । ଏହି ଅଂଚଳରେ ବିଗତ ଦିନ ମାନଙ୍କରେ ବେଆଇନ ବ୍ଲାଷ୍ଟିଂ କରି ଚୋରା ପଥର ଚାଲାଣ ହେଉଥିବା ବେଳେ ୨୦୨୦ ମସିହାରେ ପ୍ରଶାସନ ପକ୍ଷରୁ ରାଜସ୍ୱ ଆଦାୟ କରିବା ପାଇଁ ଲିଜ ସୂତ୍ରରେ ଏଆଇପିଏଲ କମ୍ପାନୀକୁ ଦିଆ ଯାଇଛି । ଏହି ବ୍ଲାଷ୍ଟିଂ ବେଆଇନ ହୋଇଥିଲେ ମଧ୍ୟ ଲୋକମାନେ ନିଜର ଧନଜୀବନ ସୁରକ୍ଷା ପାଇଁ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଥିପ୍ରତି କେହି କର୍ଣ୍ଣପାତ କରି ନାହାନ୍ତି । ଏହି ଘଟଣାକୁ ନେଇ ପରିବାର ପକ୍ଷରୁ ବେଗୁନିଆ ଥାନାରେ ଅଭିଯୋଗ କରିବା ସହିତ ସ୍ଥାନୀୟ ଗ୍ରାମବାସୀ ମାନେ ଆସନ୍ତାକାଲି ଧାରଣାରେ ବସିବେ ବୋଲି ଅସମର୍ଥିତ ସୂତ୍ରୁ ଖବର ମିଳିଛି ।

## ସମୁଦ୍ର ବେଳାଭୂମିରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଫେଇ ଅଭିଯାନ



ପାରାଦୀପ, (ପି.ଏନ): ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ବୁଧବାର ଦିନ ଏକ ସଫେଇ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା । ଭାରତୀୟ ମାନବ ଅଧିକାର ସଙ୍ଗଠନ ଓ ଜାନକୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମିଳିତ ଭାବେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମାନବ ଅଧିକାର ସଙ୍ଗଠନର ଜିଲ୍ଲା ସଭାପତି ଶିବ ପ୍ରସାଦ ପଣ୍ଡିତଙ୍କ ସହିତ ସଙ୍ଗଠନର ସଦସ୍ୟ ସଦସ୍ୟାମାନେ ଏହି ସଫେଇ କାର୍ଯ୍ୟକ୍ରମ ସାମିଲ ହୋଇଥାଏ ବେଳେ ଜାନକୀ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ଜାନକୀ ସର୍ଦ୍ଦାର ଏବଂ ଟ୍ରଷ୍ଟର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଚଳିତ ପାର୍ବଣ ଋତୁରେ ଭାରତ ସହିତ ଇଣ୍ଡିଆକୁ ଯୋଡିଛି ଇକମର୍ସ

ଭୁବନେଶ୍ୱର : ଚଳିତ ପାର୍ବଣ ଋତୁରେ ଫ୍ଲିପ୍‌କାର୍ଟ ଗ୍ରାହକଙ୍କ ପାଇଁ ମୂଲ୍ୟ ଏବଂ ସେଲର୍, ଏମ୍‌ଏସ୍‌ଏମ୍‌ଇ ଓ କାରିଗରମାନଙ୍କ ପାଇଁ ପ୍ରଗତି ଓ ଅଭିବୃଦ୍ଧିକୁ ପରିଚାଳନା କରିବା ନେଇ ନିଜର ପ୍ରତିଶ୍ରୁତି ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ବିଗ୍ ବିଲିୟନ ଡେଜ୍ ସେଲ୍‌ର ପ୍ରଥମ ଦିନରେ ଭାରତ କିଭଳି ଦ୍ରୁତ ଗତିରେ ଡିଜିଟାଇଜେଶନକୁ ଗ୍ରହଣ କରୁଛି ତାହାକୁ ଦର୍ଶାଉଥିବା କିଛି ପ୍ରାରମ୍ଭିକ ସୂଚକ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇଛି । ବିଭିନ୍ନ ବର୍ଗରେ ଟିୟର ୩ ସହରଗୁଡିକରୁ ୫୦% ନୂତନ ଗ୍ରାହକ ଆସିଛନ୍ତି । ହୋମ୍ କ୍ୟାଟାଗୋରୀ ନୂତନ ଗ୍ରାହକଙ୍କ କ୍ଷେତ୍ରରେ ୫୩% ବୃଦ୍ଧି ଦେଖିବାକୁ ପାଇଥିବା ବେଳେ ବୃହତ୍ ଆପ୍ଲାଏନ୍ସେସ୍ ଓ ବିଜିଏମ୍ (ବିୟୁଟି ଆଣ୍ଡ ଜେନେରାଲ ମର୍ଚ୍ଚାଣ୍ଡାଇଜ୍) କ୍ଷେତ୍ରରେ ନୂତନ ଗ୍ରାହକଙ୍କ ସଂଖ୍ୟାରେ ପ୍ରତ୍ୟେକ ପାଖାପାଖି ୫୦% ବୃଦ୍ଧି ଦେଖିଛନ୍ତି ଏବଂ ଏସମସ୍ତ ଗ୍ରାହକ ଟିୟର ୩ ସହରର ଅଟନ୍ତି । ଏମ୍‌ଏସ୍‌ଏମ୍‌ଇଗୁଡିକ ଚଳିତ ପାର୍ବଣ ଋତୁରେ ଟିୟର ୨ ସହର ଓ ଏହା ବାହାରର ସେଲର୍‌ଙ୍କ ସହିତ ପୁଣିଥରେ ବିକାଶପଥକୁ ଫେରିଛନ୍ତି ଏବଂ ଇକମର୍ସରେ ଅଭିବୃଦ୍ଧି ହାସଲ କରିଛନ୍ତି । ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡିକ ଦେଶବ୍ୟାପୀ ୨୫,୫୦୦ରୁ ଅଧିକ ପିନ୍‌କୋଡ୍‌ରୁ ଚାହିଦା ଆସୁଥିବାର ଲକ୍ଷ୍ୟ କରିଛନ୍ତି । ଚଳିତ ବିବିଡିରେ ୧୬୭ଟି ନୂତନ ସହରର ସେଲର୍ ଇକମର୍ସରେ ଯୋଗ ଦେଇଛନ୍ତି । ୬୦% ସେଲର୍ ତାଳଚେର, ଭେଲ୍ଲୁର, ସୋହାଗପୁର, ସିନ୍ଧି ଆଦି ଛୋଟ ସହରଗୁଡିକ ସମେତ ଟିୟର ୨ ସହର ଓ ଏହା ବାହାରେ ବାସ କରୁଛନ୍ତି । ଶୀର୍ଷ ପ୍ରଦର୍ଶନ କରୁଥିବା ଟିୟର ୨ ସେଲର୍ ସହରଗୁଡିକ ମଧ୍ୟରେ ଜୟପୁର, ସୁରଟ ଓ ପାନିପତ୍‌ର ସେଲର ସାମିଲ ଅଛନ୍ତି । ପ୍ରିପେଡ୍ ଟ୍ରାଞ୍ଜାକ୍ସନ କ୍ଷେତ୍ରରେ ୭୫% ବୃଦ୍ଧି ସହିତ ଡିଜିଟାଲ ଇଣ୍ଡିଆ ପ୍ରତି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି, ଯାହାକି ଡିଜିଟାଲ ପେମେଂଟ୍ ପାଇଁ ଏକ ଶକ୍ତିଶାଳୀ ଅନୁମୋଦନକୁ ଦର୍ଶାଉଛି । କାରଣ ଉପଭୋକ୍ତାମାନେ କ୍ରୟ ସମୟରେ ସାମାଜିକ ଦୂରତା ବଜାୟ ରଖିବା ଜାରି ରଖିଛନ୍ତି । ପାର୍ବଣ ଉତ୍ସାହକୁ ବଜାୟ ରଖିବା ଲାଗି ଇଏମ୍‌ଆଇ ବିକଳ୍ପଗୁଡିକ ଏକ ଭଲ ଟ୍ରିଗର୍ ଭାବେ କାର୍ଯ୍ୟ କରିଛି ।

## ପାଲା ଗାୟକ ପରିଷଦ କାର୍ଯ୍ୟକାରିଣୀ ବୈଠକ

ଫୁଲନଖରା, (ପି.ଏନ): ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ୮ମ କାର୍ଯ୍ୟକାରିଣୀ ବୈଠକ ପଞ୍ଚବଟୀ ବଜାରସ୍ଥ ପରିଷଦ ପାଠାଗାର ଓ ତାଲିମ କେନ୍ଦ୍ର ସଭାଗୃହରେ ସଭାପତି ମଦନମୋହନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗାୟକ ଶିବକୁମାର ଦ୍ୱିବେଦୀ ମଙ୍ଗଳାଚରଣ ପାଠ କଲା ପରେ ସାଧାରଣ ସମ୍ପାଦକ ବସନ୍ତକୁମାର ରାଉତ ଶୋକ ପ୍ରସ୍ତାବ ଆଗତ କରିଥିଲେ । ନାଟ୍ୟକାର ଭଜହରି ଘୋଷ, ଗାୟକ ପବିତ୍ର ପଣ୍ଡା ଓ ବାୟକ ରମେଶଚନ୍ଦ୍ର ବାରିକଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ହୋଇଥିଲା । ଏହି ଅବସରରେ ଆଇନ ପରାମର୍ଶଦାତା ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଗତ ଡିସେମ୍ବର ୨୨ତାରିଖରେ ଶୃଙ୍ଖଳିତ ସମାବେଶର ସମୀକ୍ଷା ହୋଇଥିଲା ଓ ପରିଷଦ ନିର୍ଦ୍ଦେଶକ ଅମୀୟକୁମାର ପଟ୍ଟନାୟକ ଓ ସ୍ଥାୟୀ ଉପସଭାପତି ବିନାୟକ ରଥଙ୍କୁ ଧନ୍ୟବାଦ ଜ୍ଞାପନ ହୋଇଥିଲା । ଆସନ୍ତା ଫେବୃଆରୀ କୋଭିଡ଼-୧୯ ମାର୍ଗଦର୍ଶିକା ପ୍ରକାଶ ପରେ ପରିଷଦର ବାର୍ଷିକ ଉତ୍ସବ ପାଇଁ ବୈଠକରେ ସ୍ଥିର ହୋଇଥିଲା । ଜ୍ଞାନପ୍ରିୟ କାନୁନଗୋ, ଉପଦେଷ୍ଟା ଚକ୍ରଧର ବାରିକ, ସନ୍ତୋଷ ପଟ୍ଟନାୟକ, ବନବିହାରୀ ଗ୍ରହାଚାର୍ଯ୍ୟ, ଧର୍ମାନନ୍ଦ ପୃଷ୍ଟି, ବସନ୍ତ ରଥ, ଅଭିମନ୍ୟୁ ନାୟକ, ପ୍ରଭାତ ଶ୍ରୀଚନ୍ଦନ, ଜୟରାମ ପଣ୍ଡା, କେଲୁଚରଣ ବେହେରା, ବିଜୟ ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗାୟକ ବିଜୟକୁମାର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ




ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।




# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଗୁଲ ବାଜିଲା: ୫ଟି ପର୍ଯ୍ୟାୟରେ ହେବ ଭୋଟ

### ଜିଲ୍ଲାର ୩୨ଟି ଜୋନରେ ୧୧ଲକ୍ଷ ୪୭ହଜାର ୩୩୦ ଭୋଟର ଭୋଟ ଦେବେ

କେନ୍ଦ୍ରାପଡା (ପିଏନ୍) : ଚଳିତ ଭର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ହେବା ପାଇଁ ପାଇଁ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହି ଅନୁଯାଇ ଆସନ୍ତା ଫେବୃୟାରୀମାସ ୧୬, ୧୮, ୨୦,୨୨ ଓ ୨୪ତାରିଖରେ ୫ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ମୋଟ ୩୨ଟି ଜିଲ୍ଲା ପରିଷଦ ଜୋନ ରହିଛି। ସେଥି ମଧ୍ୟରୁ ଆଳି ବ୍ଲକରେ ୪ଟି ଜୋନ ରହିଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକରେ ୪ଟି, ମହାକାଳପଡା ବ୍ଲକରେ ୫ଟି, କେନ୍ଦ୍ରାପଡା ବ୍ଲକରେ ୪ଟି, ଡେରାବିଶ ବ୍ଲକରେ ୩ଟି, ରାଜକନିକା ବ୍ଲକରେ ୩ଟି, ରାଜନଗର ବ୍ଲକରେ ୩ଟି, ମାର୍ଶାଘାଇ ବ୍ଲକରେ ୩ଟି ଓ ଗରଦପୁର ବ୍ଲକରେ ୩ଟି ଜୋନ ରହିଛି। ସେହିପରି ଚଳିତବର୍ଷ ତ୍ରିସ୍ତରୀୟ ନିର୍ବାଚନରେ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ଆଳି ବ୍ଲକର ୪ଟି ଜିଲ୍ଲା ପରିଷଦ ଜୋନ ଅଧିନ ୩୪ଟି ପଞ୍ଚାୟତର ୪୯୦ଟି ୱାର୍ଡର ୧ଲକ୍ଷ ୩୮ହଜାର, ୨୪୨ଜଣ ଭୋଟର ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକର ୪ଟି ଜୋନର ୩୧ଟି ପଞ୍ଚାୟତର ୪୨୨ଟି ୱାର୍ଡର ୧ଲକ୍ଷ ୪୨ହଜାର, ୬୮୫ଜଣ ଭୋଟର, ମହାକାଳପଡା ବ୍ଲକର ୫ଟି ଜୋନ ଅଧିନ ୩୧ଟି ପଞ୍ଚାୟତର ୪୭୪ଟି ୱାର୍ଡର ୧ଲକ୍ଷ ୬୬ହଜାର ୪୨୦ଜଣ ଭୋଟର, କେନ୍ଦ୍ରାପଡା ବ୍ଲକର ୪ଟି ଜୋନ ଅଧିନ ୨୭ଟି ପଞ୍ଚାୟତର ୪୨୯ଟି ୱାର୍ଡର ୧ଲକ୍ଷ ୨୭ହଜାର ୮୨୦ଜଣ ଭୋଟର, ଡେରାବିଶ ବ୍ଲକର ୩ଟି ଜୋନ ଅଧିନ ୨୬ଟି ପଞ୍ଚାୟତର ୩୯୦ଟି ୱାର୍ଡର ୧ଲକ୍ଷ ୧୮ହଜାର ୪୮୯ ଜଣ ଭୋଟର, ରାଜକନିକା ବ୍ଲକର ୩ଟି ଜୋନ ଅଧିନ ୨୯ଟି ପଞ୍ଚାୟତର ୪୮୪ଟି ୱାର୍ଡର ୧ଲକ୍ଷ ୨୩ହଜାର ୩୮୦ ଜଣ ଭୋଟର, ରାଜନଗର ବ୍ଲକର ୩ଟି ଜୋନ ଅଧିନ ୨୯ଟି ପଞ୍ଚାୟତର ୩୬୩ଟି ୱାର୍ଡର ୧ଲକ୍ଷ ୩୦ହଜାର ୬୧୫ଜଣ ଭୋଟର, ମାର୍ଶାଘାଇ ବ୍ଲକର ୩ଟି ଜୋନ ଅଧିନ ୨୪ଟି ପଞ୍ଚାୟତର ୩୬୬ଟି ୱାର୍ଡର ୧ଲକ୍ଷ ୬ହଜାର ୯୬୯ଜଣ ଭୋଟର ଓ ଗରଦପୁର ବ୍ଲକର ୩ଟି ଜୋନ ଅଧିନ ୧୮ଟି ପଞ୍ଚାୟତର ୨୮୦ଟି ୱାର୍ଡର ୯୨ହଜାର ୭୧୦ଜଣ ଭୋଟର ଭୋଟ ଦେବେ। ସେହିପରି ୫ଟି ପର୍ଯ୍ୟାୟରେ ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନ କେନ୍ଦ୍ରାପଡା ଜିଲ୍ଲାରେ ଆଳି ବ୍ଲକର ୪ଟି ଜିଲ୍ଲା ପରିଷଦ ଜୋନ ଏବଂ ଡେରାବିଶ ବ୍ଲକର ୩ଟି ଜୋନ ଆସନ୍ତା ଫେବୃୟାରୀମାସ ୧୬ତାରିଖ ପ୍ରଥମ ପର୍ଯ୍ୟାୟରେ ହେବାକୁ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ରାଜକନିକା ବ୍ଲକର ୩ଟି ଏବଂ ମାର୍ଶାଘାଇ ବ୍ଲକର ୩ଟି ଜୋନର ଫେବୃୟାରୀ ୧୮ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ, ପଟ୍ଟାମୁଣ୍ଡାଇ ବ୍ଲକର ୪ଟି ଏବଂ ରାଜନଗର ବ୍ଲକର ୩ଟି ଜୋନରେ ଫେବୃୟାରୀ ୨୦ତାରିଖ ତୃତୀୟ ପର୍ଯ୍ୟାୟରେ, କେନ୍ଦ୍ରାପଡା ବ୍ଲକର ୪ଟି ଜୋନ ଏବଂ ଗରଦପୁର ବ୍ଲକର ୩ଟି ଜୋନରେ ଫେବୃୟାରୀ ୨୨ତାରିଖ ଚତୁର୍ଥ ପର୍ଯ୍ୟାୟରେ ଏବଂ ଆସନ୍ତା ଫେବୃୟାରୀ ମାସ ୨୪ତାରିଖ ପଞ୍ଚମ ପର୍ଯ୍ୟାୟରେ ମହାକାଳପଡା ବ୍ଲକର ୫ଟି ଜୋନରେ ଭୋଟ ଗ୍ରହଣ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି। ଆଜି ଠାରୁ ନିର୍ବାଚନ କମିଶନ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ କରିଛନ୍ତି।

## ଢେଙ୍କିକୋଟ ଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

ଢେଙ୍କିକୋଟ (ପିଏନ୍): ଢେଙ୍କିକୋଟ ହାଇସ୍କୁଲ ଖେଳ ପଡିଆ ଠାରେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଘଟଗାଁ ବ୍ଲକ ସଭାପତି ଦୋଳ ଗୋବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଘଷିପୁରା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମାଜସେବୀ ଦେବାଶିଷ ପାତ୍ର, ଅନ୍ୟାନ୍ୟ ଅତିଥି ଭାବେ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ପୁଷ୍ପଲତା ରାଉତ, ଜିଲ୍ଲା ମହିଳା ଉପସଭାପତି ରିତା ରାଉତ, ଜିଲ୍ଲାପରିଷଦ ସଦସ୍ୟା ସୁମିତ୍ରା ମହାଂ, ମଧୁମିତା ଦେହୁରୀ, ଜିଲ୍ଲା ଉପସଭାପତି ସେକ୍ ଇମ୍ରାନ, ବ୍ଲକ ଯୁବ ସଭାପତି ରତନ ପଲେଇ, ପଣ୍ଡାପଡା ଜୋନ୍ ଜିଲ୍ଲାପରିଷଦ ଅଜୟ କୁମାର ନାଏକ, ଏସ୍.କେ. ତାହିର, ସିକନ ପାଢୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଥମେ ମା'ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉପସ୍ଥିତ ଅତିଥିମାନେ କଳିଙ୍ଗର ବୀରପୁତ୍ର, ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ରାଜ୍ୟ ପ୍ରତି ତାଙ୍କର ଅବଦାନ, ବଳିଦାନ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ଆଗାମୀ ପଂଚାୟତ ସ୍ତରୀୟ ନିର୍ବାଚନରେ ବିଜୁ ଜନତା ଦଳକୁ ଅଧିକ ସଫଳତା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ପରେ ପରେ ନବୀନ ପଟ୍ଟନାୟକଙ୍କ ଭିଡିଓ କନଫରେନ୍ସରେ ବାର୍ତ୍ତା ସମସ୍ତଙ୍କୁ ଆନନ୍ଦିତ କରିଥିଲା ।

## କେନ୍ଦ୍ରାପଡା ବିଧାୟକ କରୋନା ଆକ୍ରାନ୍ତ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ଥିବା ସୂଚନା ମିଳିଛି। ଗତ ତିନି ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷ ତୁରନ୍ତ କରୋନା ପରୀକ୍ଷା କରାଇନେବାକୁ ବିଧାୟକ ଶ୍ରୀ ବେହେରା ନିବେଦନ କରିଛନ୍ତି। ପୂର୍ବରୁ ମଧ ବିଧାୟକ ଶ୍ରୀ ବେହେରା କରୋନା ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ସମ୍ପାଦକ ରଞ୍ଜିତ ସାହୁ, ମହେନ୍ଦ୍ର ମିଶ୍ର, କାଳି ପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ବିଜୟ ପତି, ମଙ୍ଗଳବରଣ ସିଂ, ଯଯାତି କେଶରୀ ମହାନ୍ତି, ଶକ୍ତିକାନ୍ତ ପାତ୍ର, ଦେବଦାସ ମହାନ୍ତି, ସଞ୍ଜୟ କୁମାର ଜେନା, ମାନସ ସେଠୀ ପ୍ରମୁଖ ବିଧାୟକ ଶ୍ରୀ ବେହେରାଙ୍କ ଆଶୁ ଆରୋଗ୍ୟକାମନା କରି ପ୍ରଭୁ ଶ୍ରୀସିଦ୍ଧ ବଳଦେବଜୀଉଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।

## ସମାଜସେବୀ ଅଜିତ କୁମାର ପଟ୍ଟନାୟକଙ୍କ ପରଲୋକ

କେନ୍ଦୁଝର (ପିଏନ୍): ବିଶିଷ୍ଟ ସମାଜସେବୀ ଅଜିତ କୁମାର ପଟ୍ଟନାୟକ ୯୪ ବର୍ଷ ବୟସରେ ଇହଲୀଳା ତ୍ୟାଗ କରିଛନ୍ତି । ସେ ରାଜପୂଜା କମିଟି, ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭ୍ୟ ତଥା ବିଭିନ୍ନ ପଦପଦବୀ ଏବଂ ଦୈନିକ ବଜାର କମିଟିର ଚେୟାରମ୍ୟାନ୍ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଥିଲେ । ଜିଲ୍ଲା କ୍ରୀଡା ସଂସ୍ଥା, ବଣିକ ସଂଘ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ସକ୍ରିୟ ସଦସ୍ୟ ତଥା କେନ୍ଦୁଝରଗଡ ପୌରପାଳିକାର କାଉନ୍ସିଲର ଥିଲେ । ନିଉ କଲୋନୀ ଡେଭଲପମେଣ୍ଟ ସୋସାଇଟିର ଉନ୍ନତି ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ । ଶ୍ରୀଯୁକ୍ତ ପଟ୍ଟନାୟକ ଜଣେ ଧାର୍ମିକ, ପରୋପକାରୀ ଏବଂ ସ୍ନେହ ବତ୍ସଳ ବ୍ୟକ୍ତି ଭାବେ ସମଗ୍ର କେନ୍ଦୁଝର ଜିଲ୍ଲାରେ ପରିଚିତ ଥିଲେ । ତାଙ୍କ ବିୟୋଗରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ।

## ବାଲିଆ ସରସ୍ୱତୀ ଶିଶୁ ମନ୍ଦିରରେ ବିଶାଳ ରକ୍ତଦାନ ଶିବିର




ବାଲେଶ୍ୱର (ପିଏନ୍)-ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଆଠାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପ୍ରତିଭା ବିକାଶ ମଞ୍ଚ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଆର ମିଳିତ ଆନୁକୁଲ୍ୟାରେ ଅନୁଷ୍ଠିତ ଏହି ଶିବିର କୁ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ମାନନୀୟ ନିଲୁ ମହାପାତ୍ର, ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟର ସଭାପତି ଆଡ୍‌ଭୋକେଟ୍ ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବର ପ୍ରାରମ୍ଭରେ ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟର ସାଧାରଣ ସଂପାଦକ ମାନନୀୟ ଉପେନ୍ଦ୍ରନାଥ ମହୋଦୟ ଆଭିମୁଖ୍ୟ କଥନ ରଖିଥିବା ବେଳେ ପ୍ରମୁଖ ପ୍ରାଧ୍ୟାପକ ଜଗବନ୍ଧୁ ମହାପାତ୍ର ଭାରତୀୟ ମଜଦୁର ସଂଘର ରାଜ୍ୟସଭାପତି ଆଡ୍‌ଭୋକେଟ୍ ପୃଥ୍ୱୀରାଜ ପଣ୍ଡା, ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟର ଉପାଧ୍ୟକ୍ଷ ଆଡ୍‌ଭୋକେଟ୍ ରଘୁନାଥ ପ୍ରଧାନ, ବ୍ଲଡ୍ ବ୍ୟାଙ୍କର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପମୁଖ ଅତିଥି ମାନେ ମଞ୍ଚାସୀନ ରହି ରକ୍ତଦାନ ଶିବିରର ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରତିଭା ଟ୍ରଷ୍ଟର ସଦସ୍ୟ ମାନନୀୟ କିଶୋର ଦାସ ଅତିଥି ମାନଙ୍କର ପରିଚୟ ରଖିଥିବା ବେଳେ ଶେଷରେ ସଂଗଠନ ସଂପାଦକ ଡ. ପଙ୍କଜ କୁମାର ଜେନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଇଚ୍ଛୁକଥିବା ବ୍ୟକ୍ତିଙ୍କଠାରୁ ଶତାଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଆର ପରିଚାଳନା ସମିତି, ଗୁରୁଜୀଗୁରୁମା ଓ ସେବକ ସେବିକା ସଂପୂର୍ଣ୍ଣ ସହଯୋଗ କରି ରକ୍ତଦାନ ଶିବିରର ମହତ୍ୱକୁ ଉପଲବ୍ଧି କରିଥିଲେ। ଏଥି ସହିତ ଟ୍ରଷ୍ଟର ଅନ୍ୟତମ କାର୍ଯ୍ୟକର୍ତା ଆଶିଶ ସାହୁ, ବନ୍ଦନା ବିଶ୍ୱାଳ, ଭାବଗ୍ରାହୀ ମହାନ୍ତି, ସଂଜୀବ ନାୟକ, ଜ୍ୟୋତିର୍ମୟୀ ସାମଲ, ପ୍ରଶାନ୍ତ, ସୌରୀଶଙ୍କର ପରିଡ଼ା, ଅରବିନ୍ଦ ବାରିକ, ଲମ୍ବୋଦର ନାୟକ, ରାଧାକାନ୍ତ ମହାପାତ୍ର, ସିପ୍ରାରେଖା ମହାପାତ୍ର ତଥା ରବିନ୍ଦ୍ର ମାଇତି ଓ ପ୍ରଧାନ ଆଚାର୍ଯ୍ୟ ସୁଧାର ମହାନ୍ତି ଇତ୍ୟାଦି ସକ୍ରିୟ ସହଯୋଗ କରିଥିଲେ।

## ଧର୍ମଶାଳା ବାଣୀପୀଠ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୪ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନ ସହିତ ଶିକ୍ଷାର ମାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଯୋଗଦେଇ ବାଣୀପୀଠର ଇତିହାସ ସଂପର୍କରେ ଆଲୋକପାତ କରିବା ସହିତ ଶିକ୍ଷାନୁଷ୍ଠାନରେ ନୂତନ ଓ ପୁରାତନ ଏକ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କୁମାର ମହାନ୍ତି ଓ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୁରାତନ ଛାତ୍ର ଜିତେନ୍ଦ୍ର କୁମାର କର, ଅବଧୂତ ରାଉତ, ଧ୍ରୁବ ଚରଣ ବିଶ୍ୱାଳ, ଧୋଇଧର ସାହୁ ଓ ଜଗବଂଧୁ ସାମଲଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରମଣି ଦାସ, ବଟକୃଷ୍ଣ ମହାରଣା, ଆନନ୍ଦ ରାଉତ, ବଟକୃଷ୍ଣ ମଲିକ, ଗୁରୁଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷା ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସ୍ମୃତିରେଖା ଖଟୁଆଙ୍କୁ ବଟକୃଷ୍ଣ ମେମୋରିଆଲ ଓ ଛାତ୍ର ବିକାଶ କୁମାର ମାହାଳିକଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ରଙ୍କ ମେମୋରିଆଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଂପାଦକ ଅଧ୍ୟାପକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦର ଉପସଭାପତି ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ବାସୁଦେବ ଶତପଥୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଅମରେଶ ଦାଶ ଓ ଶୁଭଦାନନ୍ଦ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଜଳଧର ସାହୁ, ନିଳମଣୀ ନାୟକ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ବିବେକାନନ୍ଦ ନାୟକ, ସୁନାକର ସାହୁ, ଧରଣୀଧର ଦାଶ, ସନ୍ତୋଷ କୁମାର ତରାଇ, ବିକ୍ରମ କେଶରୀ ମହାନ୍ତି, ମହମ୍ମଦ ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସହ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର



ଫୁଲନଖରା (ପିଏନ୍)-ସଦର ଥାନା ଅଧିନ ବାଲିକୁଦା ନାଗରିକ କମିଟି ଆନୁକୂଲ୍ୟରେ ଏକ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ମୁଖ୍ୟ ଅତିଥିଭାବେ ଏହାକୁ ଉଦଘାଟନ କରିଥିଲେ। ଭୁବନେଶ୍ୱର ସ୍ଥିତ କେୟାର ନେତ୍ରମ ଅନୁଷ୍ଠାନର ସୁମିତ୍ରା ଭଦ୍ରା, ରୁନୁ ନାୟକ, ସୁପ୍ରିୟା ସ୍ୱାଇଁ, ମମତା ବିଶ୍ୱାଳ, ଚମ୍ପା ଭୋଇ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହି ଶିବିରରେ ବାଲିକୁଦା ଓ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ଅଂଶ ଗ୍ରହଣ କରିଥିଲେ। କମିଟି ସଭାପତି ସନ୍ଦୀପ ବେଉରା, ପୂଜା କମିଟି ସମ୍ପାଦକ ଶରତ ଚନ୍ଦ୍ର ଭୂୟାଁ, ପ୍ରତାପ ବେହେରା, ବେଣୁଧର ବେହେରା ଓ ଅଜୟ ସାହୁ ଶିବିର ପରିଚାଳନା କରିଥିଲାବେଳେ ସୟ ଦେବଭକ୍ତ, ସୁଶାନ୍ତ ବେହେରା, ବିକ୍ରମ ସ୍ୱାଇଁ ଓ ସନ୍ତୋଷ ବେହେରା ସହଯୋଗ କରିଥିଲେ।

## ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ପଞ୍ଚଦଶ ପୁଣ୍ୟତିଥିରେ ପୁସ୍ତକ ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ପଞ୍ଚଦଶ ପୁଣ୍ୟତିଥିରେ ସଂସଦର କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସଙ୍କ ରଚିତ ପୁସ୍ତକ "ଉପନିଷଦର ପଦ୍ୟାବଳି ଓ ଦ୍ୱାରୀକା ଦର୍ଶନ"କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ଡେପୁଟୀ କଲେକ୍ଟର ବିଜୟ କୁମାର ନାୟକ ଉନ୍ମୋଚନ କରିଥିଲେ। ସଂସଦର ସ୍ଥାୟୀ ସଭାପତି ଡଃ. ବାସୁଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ତପନ କୁମାର ପତି,ସମ୍ମାନିତ ଅତିଥି ଭାବେ ଗାଳ୍ପିକ ହରେକୃଷ୍ଣ ବରାଳ, ଅଧ୍ୟାପକ ଅଜୟ କୁମାର ସାମଲ ଯୋଗଦେଇ ଅଣୁକବି ସ୍ୱର୍ଗତ ଦାସଙ୍କ ସାହିତ୍ୟ କୃତି, ଜୀବନ ସଂଗ୍ରାମ ଏବଂ କବି କରୁଣାକର ଦାସଙ୍କ ରଚିତ ଦୁଇଟି ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ଅଣୁକବି ସ୍ୱର୍ଗତ ଦାସ ଓ ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତିବନ୍ଧୁ ନୃସିଂହ ଚରଣ ତ୍ରିପାଠୀ, ସଂଗଠନ ସଂପାଦକ ଆଦିକନ୍ଦ ରାଉଳ, ଉପସଭାପତି ପ୍ରଦିପ କୁମାର ଦାଶ, ପ୍ରାବନ୍ଧିକ ନିରଞ୍ଜନ ମେକାପ, ଆଶିଷ ସେନାପତି, ରାମକୃଷ୍ଣ ଦାଶ, ଫକୀର ଚରଣ ଓଝା, ପ୍ରେମଲତା ଗିରି, ଅଶୋକ କୁମାର ସାହୁ, ସୁରେନ୍ଦ୍ର କୁମାର ବେହେରା, ଶ୍ରୀଧର କୁମାର ଭୋଳ, ଶରତ କୁମାର ରାଉତ, ଅମୀୟ କୁମାର ନାୟକ, ଅଜୟ କୁମାର ପାତ୍ର, ତୃପ୍ତୀମୟୀ ଜେନା, କେଶବ ଚରଣ ସେଠୀ, କାକୁଲି ମଲ୍ଲିକ, ଶ୍ରୀୟା ଦାସ, ଶ୍ରୀଧର ମହାନ୍ତି, ମାମାଲି ମିଶ୍ର, କଳ୍ପନା ଦାସ, ତପସ୍ୱିନୀ ପଟ୍ଟନାୟକ, ରଞ୍ଜନ ବାଇ ପ୍ରମୁଖ ଦୁଇଟି ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। କବି ଅଶୋକ ସାହୁ ଏବଂ କାକୁଲି ମଲ୍ଲିକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## କେନ୍ଦ୍ରାପଡା ହାଇସ୍କୁଲ ୧୯୯୧ ବ୍ୟାଚର ବନ୍ଧୁମିଳନ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍) : ଓଡିଶାର ଦ୍ୱିତୀୟ ସର୍ବପୁରାତନ ବିଦ୍ୟାଳୟ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୧ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୁରାତନ ଛାତ୍ର ସେକ ବରକାତୁଲ୍ଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନରେ ତତ୍କାଳୀନ ଶିକ୍ଷକ ଓ ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ମହମ୍ମଦ ଫଜଲେ ବାରି, ସହଦେବ ମାଟି, ଦେବେନ୍ଦ୍ର ରାୟ, ପଣ୍ଡିତ ଭ୍ରମରବର ନନ୍ଦ, ହେମନ୍ତ ଜେନା, ପହଲି ସ୍ୱାଇଁ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କୁ ଉତ୍ତରୀୟ ଓ ପିଷ୍ଟଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ପୁରାତନ ଛାତ୍ରମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ବୀରେନ୍ଦ୍ର ପ୍ରସାଦ ସିଂ, ନିରଞ୍ଜନ ବେହେରା, ସାବିର ଖାନ, ସେକ ଜାବିର, ଇମତିୟାଜ ଅହେମଦ, ଟି. ଜ୍ୟୋତି ରାଓ, ରହିମ ଖାନ, ଭଗବତୀ କର, ସେକ ବୁରାନଅଲ୍ଲୀ, ସଞ୍ଜୟ ପଢିହାରୀ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମତଦାନ ସଚେତନତା ବୈଠକ



ଫୁଲନଖରା, (ପିଏନ୍)-ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ 'ଆଞ୍ଚଳିକ ବିକାଶ ପରିଷଦ' ପକ୍ଷରୁ ଏକ ଜରୁରୀ ବୈଠକ କୁରାଙ୍ଗଶାସନସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବାରଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦିଗମ୍ବର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ ଆବାହକ କେଦାରନାଥ ଜେନା, ଆଇନଜୀବୀ କୃଷ୍ଣଚନ୍ଦ୍ର ମଲିକ, ଅଜୟ ଦାସ, ଆଇନଜୀବୀ ରାଜେନ୍ଦ୍ର ବଲ୍ଲଭ ବେହେରା, ପୂର୍ବତନ ସରପଞ୍ଚ ରବି ହୋତା, ତପନ ସ୍ୱାଇଁ, ସତ୍ୟ ମହାନ୍ତି, ଦୁର୍ଗା ରଥ, ବାବାଜୀ ମହାନ୍ତି ପ୍ରମୁଖ ଯୋଗଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ଓ ସମସ୍ତ ଭୋଟରଙ୍କ ମତଦାନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମତଦାତାଙ୍କୁ ସଚେତନ କରାଇବା ନେଇ ପରିଷଦ ତରଫରୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଓ ପ୍ରଚାର ପତ୍ର ବାଣ୍ଟିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିନାୟକ ବେହେରା, କୈଳାସ ସାହୁ, ମୁନା ଖାଁ, ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ ଦେବ ମନ୍ଦିର ପରିଚାଳନା କମିଟି ବୈଠକ



ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ମହୀଧରପଡ଼ାସ୍ଥିତ ପୁରାତନ ଲକ୍ଷ୍ମୀନାରାୟଣ ଦେବ ମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିମଳକିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା ଟ୍ରଷ୍ଟି ବନ୍ଦନା ମହାପାତ୍ର, ସୁଜାତା ପଟ୍ଟନାୟକ, ଲକି ମହାପାତ୍ର, ଇଭା ମହାପାତ୍ର, ପ୍ରୀତିଲତା ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ଡଃ.ସତ୍ୟଜିତ ମହାପାତ୍ର ପ୍ରମୁଖ ଯୋଗଦେଇ ମନ୍ଦିର ପାଚେରି, ପୁରାତନ ବି ପୁନରୁଦ୍ଧାର, ମୁଖଶାଳା ନିର୍ମାଣ ଆଦି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତିର ସନ୍ଧାନ ନମିଳିବା ନେଇ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ନୂତନ ମୂର୍ତ୍ତି ସ୍ଥାପନ ବାବଦରେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ବୋଷ, ପ୍ରଶାନ୍ତ କୁମାର ପାତ୍ର, ଛନ୍ଦାଚରଣ ମହାପାତ୍ର, ସମା ମହାନ୍ତି, ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ତନୁଜା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଚୋରା ଦେଶୀ ମଦ ଜବତ, ଜଣେ ଗିରଫ

ଧର୍ମଶାଳା,୧୨।୧(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମଣୀ ବ୍ରିଜ ନିକଟରୁ ଆଜି ସକାଳେ ପୁଲିସ ଚଢାଉ କରି ଚୋରା ଦେଶୀ ମଦ ଜବତ କରିବା ସହ ଏକ ସ୍କୁଟର ଜବତ କରିଛି । ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ଭୁବନ ଅଂଚଳର ବିକାଶ ତରାଇ(୩୨) ଏକ ଓଡି-୩୪ଏମ-୭୨୩୯ ନଂ ସ୍କୁଟରରେ ଦେଶୀମଦ ନେଇ ଯାଉଥିବା ବେଳେ ବ୍ରହ୍ମଣୀ ବ୍ରିଜ ଉପରେ ପୁଲିସ ହାବୁଡରେ ପଡିଥିଲା । ପୁଲିସ ତା ନିକଟରୁ ୪୦ ଲିଟର ମଦ ଜବତ କରିବା ସହିତ ବିକାଶକୁ ଗିରଫ କରିଛି । ଏନେଇ ପୁଲିସ ୧୦/୨୨ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିକାଶକୁ ଚଣ୍ଡିଖୋଲ ଅଦାଲତକୁ ଚାଲାଣ କରାଯାଇଥିବା ଥାନାଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡା,(ପି.ଏନ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରହଲ୍ଲାଦ ମଲିକଙ୍କ ଜୟନ୍ତୀ ବୁଧବାର କେନ୍ଦ୍ରାପଡା ସହରର କଜଳା ଠାରେ ପାଳିତ ହୋଇଯାଇଛି । ପ୍ରଥମେ ସ୍ୱର୍ଗତ ମଲିକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ପୂର୍ବତନ ବିଧାୟିକା ତଥା ସ୍ୱର୍ଗତ ମଲିକଙ୍କ ସୁପୁତ୍ରୀ ଡଃ. ସିପ୍ରା ମଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ନଗରପାଳ ଧିରେନ ସାହୁ, ପୂର୍ବତନ ରାଜ୍ୟ ଖଦିବୋର୍ଡ ଅଧ୍ୟକ୍ଷ ତେଜଶ୍ୱର ପରିଡା, ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ, ମହେନ୍ଦ୍ର ମିଶ୍ର, ବିଜୟ ପତି, ଅଧ୍ୟାପକ ଅଜୟ ସାମଲ, ପ୍ରବିର ମହାନ୍ତି, ଅଧ୍ୟାପକ ଡଃ. ଗିରିଶ ପାତ୍ର, ସୟଦ ଅକମଲ ଅଲ୍ଲୀ, ନାରାୟଣ ସାହୁ, ଅକ୍ଷୟ ମେକାପ, ଶରତ ବେହୁରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଇଲେକ୍ଟ୍ରୋ ହୋମିଓ ଜନକଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,୧୨।୧(ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ବର୍ଜୁନଗର ଠାରେ ଇଲେକ୍ଟ୍ରୋ ହୋମିଓର ଜନକ ଡ. କାଉଁଟସିଜର ମେଟିକଙ୍କ ୨୧୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଡା . ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନ୍ମ ଉତ୍ସବରେ ଡା. ପ୍ରତାପ କୁମାର ସାହୁ,ଡା. ଓ୍ୱାହିଦା ନାଜରିନ ଅତିଥି ଭାବେ ଯୋଗ ଦେଇ ମେଟିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଇଲେକ୍ଟ୍ରୋହୋମିଓ ଜନକଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ଦ୍ୱାରା ତିଆରୀ ଔଷଧ ବିଭିନ୍ନ ପୁରାତନ ରୋଗକୁ ଆରୋଗ୍ୟ କରିବାରେ ସହାୟକ ହୋଇପାରିଛି । ଏହି ଅବସରରେ ଶ୍ୱାସରୋଗ,ମେଧୁମେହ, ଉଚ୍ଚ ରକ୍ତଚାପ, ଆଂଠୁଗଂଠି ବାତ,ଚର୍ମ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା କରାଯାଇ ଔଷଧ ବଂଟନ କରାଯାଇଥିଲା । ସେକ ଅନସର ଅଲ୍ଲି,ସେକ ସାଜିଦ ସୁଲତାନ, ସେକ ଅବଦୁଲ ରଜହମାନ, ଝୁନାରାଣୀ ମିଶ୍ର ଓ ପ୍ରିୟଙ୍କା ପାଳ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ବିଧାୟକଙ୍କ ଆଶୁ ଆରୋଗ୍ୟକାମନା : ମନସୁର ବାବାଙ୍କ ନିକଟରେ ମୁସଲିମଭାଇଙ୍କ ପ୍ରାର୍ଥନା

କେନ୍ଦ୍ରାପଡା, (ପି.ଏନ): କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଦ୍ୱିତୀୟ ଥର ପାଇଁ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି । ବିଧାୟକ ଶ୍ରୀ ବେହେରାଙ୍କ ଆଶୁ ଆରୋଗ୍ୟ କାମନା କରି କେନ୍ଦ୍ରାପଡାର ମୁସଲିମ ଭାଇମାନେ ମନସୁରବାବାଙ୍କ ଦରଘାରେ ଆଲ୍ଲାଙ୍କ ପାଖରେ ବୁଧବାର ସନ୍ଧ୍ୟାରେ ସମୁହ ଦୁଆ ବା ପ୍ରାର୍ଥନା କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ମହମ୍ମଦ ଇନାୟତ(ଚନ୍ଦନ), ଯୁବନେତା ସେକ ସାବିର ହୋସେନ, କଲିମ ଖାଁ, କରିମ ଖାଁ, କେନ୍ଦ୍ରାପଡା ନଗର ଛାତ୍ର ଉପସଭାପତି ଚାନ୍ଦ ଖାଁ, ଅନଜୁମ ଖାଁ, ସେକ ଅସଲମ, ସେକ ହସନ ପ୍ରମୁଖ ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୁହ ପ୍ରାର୍ଥନା କରିଥିଲେ ।

## ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ,୪ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ୩୬ .୧ ଶହଗ୍ରାମ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜଟଣୀ ଥାନା ଅନ୍ତର୍ଗତ ଯାଆଁଳା ନିକଟରୁ କନ୍ଧମାଳ ଜିଲ୍ଲାର ଯଶୋଦା ଦିଗଲ(୨୫),ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ବସଷ୍ଟାଣ୍ଡ ନିକଟରୁ ପଶ୍ଚିମବଙ୍ଗାଳର ମୁର୍ସିଦାବାଦ ଜିଲ୍ଲାର ସୁରଜ ମଣ୍ଡଳ(୨୮), ସାମାନ୍ତ ମଣ୍ଡଳ(୨୪)ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ନିକଟରୁ କନ୍ଧମାଳ ଜିଲ୍ଲାର ଜାନେକ ଦିଗଲ(୪୦)ଙ୍କ ଠାରୁ ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁ ମାନିକ ମୂଲ୍ୟ ପ୍ରାୟ ୧୮ ହଜାର ଟଙ୍କା

## ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ରତନପୁର ଗ୍ରାମର ବସନ୍ତ ବେହେରାଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଘର ସହ ଆସବାବପତ୍ର ଜଳିପୋଡି ପାଉଁଶ ହୋଇ ଯାଇଛି ।ଘଟଣା ସ୍ଥଳରେ ସ୍ଥାନୀୟ ଦମକଳ କର୍ମଚାରୀ ପହଂଚି ନିଆଁକୁ ଆୟତ କରିବା ସହ ଧନଜୀବନ ରକ୍ଷା କରିଥିଲେ । ତେବେ ତାଙ୍କୁ ସରକାରୀ ସ୍ତରରୁ ତୁରନ୍ତ ସାହାର୍ଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଦୁର୍ଘଟଣାରେ ବାଇକ୍‌ଚାଳକ ଆହତ

ଧର୍ମଶାଳା,୧୧/୧(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ନିକଟ କେଲୁଅ ସେତୁରେ ଆଜି ସଂଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ସ୍ଥାନୀୟ ସାନରାଏପଡ଼ା ଗ୍ରାମର ଶରତକାନ୍ତ ବାରିକ(୩୩) ଆହତ ହୋଇଛନ୍ତି । ଆହତ ଶରତଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶରତ ଚଣ୍ଡିଖୋଲରୁ କାମସାରି ଘରକୁ ଫେରୁଥିବା ବେଳେ ବାଇକଟି କାଏମା ବ୍ରିଜ୍ ବାଡ଼ାରେ ପିଟି ହୋଇଯାଇଥିଲା । ବାଇକ୍‌ରୁ ପଡ଼ି ଆହତ ହୋଇଥିବା ଶରତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି ।

## ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାଡି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

## ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

## ଆରୁହା ପାହାଡରେ କଳାପଥର ଦୁର୍ନୀତି: ଆଜି ରାଜସ୍ୱ ମନ୍ତ୍ରୀ ସମେତ ୮ ଅଧିକାରୀ ଲୋକାୟୁକ୍ତଙ୍କ ନିକଟରେ ହାଜିର ହେବେ

ଧର୍ମଶାଳା,୧୨।୧(ପିଏନ୍): ଧର୍ମଶାଳା ତହସିଲ ଅଧିନ ବହୁଚର୍ଚ୍ଚିତ ଆରୁହା ପାହାଡରେ ହୋଇଥିବା ଦୁର୍ନୀତିକୁ ନେଇ ଲୋକାୟୁକ୍ତଙ୍କ ପକ୍ଷରୁ ଗୁରୁବାର ରାଜସ୍ୱମନ୍ତ୍ରୀ ସମେତ ୮ ଜଣଙ୍କୁ ହାଜର ହେବା ପାଇଁ ନୋଟିସ କରାଯାଇଛି । ଏଥିରେ ରାଜସ୍ୱମନ୍ତ୍ରୀ ସୁଦାମ ମରାଣ୍ଡି,ଯାଜପୁରର ପୁର୍ବତନ ଜିଲ୍ଲାପାଳ ରନ କୁମାର ଦାସ ଧର୍ମଶାଳାର ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରିଆ,ଭୁତତ୍ୱ ସର୍ବେକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଅମୀୟ କୁମାର ରାଉତ, ୩ଜଣ ରାଜସ୍ୱ ନୀରିକ୍ଷକ ବାସୁଦେବ ସାହୁ, ମନୋଜ ମହାପାତ୍ର, କ୍ଷୀରାବ୍ଧି ତନୟା ପଣ୍ଡା ଓ ଲିଜଧାରୀ ତ୍ରିନାଥ ଜେନାଙ୍କୁ ହାଜର ହେବା ପାଇଁ ଏହି ନୋଟିସ କରାଯାଇଛି । ସୂଚନା ଥାଉକି, ଧର୍ମଶାଳା ତହସିଲ ଅଧିନ ଆରୁହା କଳାପଥର ପାହାଡରେ ତହସିଲ ପ୍ରଶାସନ ପକ୍ଷରୁ ୩ଏକର ପରିମିତ ଜାଗାକୁ ଖନନ ପାଇଁ ଲିଜସୂତ୍ରରେ ଦିଆଯାଇଥିଲା । ହେଲେ ରାଜସ୍ୱ ନିରିକ୍ଷକ ବାସୁଦେବ ସାହୁ ୩ଏକରପରିବର୍ତେ ୬. ୮୦ଏକର ପରିମିତ ଜମିର ନକ୍ସା ପ୍ରସ୍ତୁତ କରିଥିଲେ । ଲିଜଧାରୀ ଶ୍ରୀ ଜେନାଙ୍କୁ ୩ ଏକର ଖନନ କରିବାକୁ ଅନୁମତି ମିଳିଥିବା ବେଳେ ଖନନ ସମୟରେ ଏହା ୭ ଏକର ଜମିରୁ ଖନନ ହୋଇଥିବା ଜଣାପଡିଥିଲା । ଏପରିକି ଜନବସତିର ୨୦୦ମିଟର ଦୁରତ୍ୱରେ ପାହାଡ ଲିଜ ଦେବାର ନିୟମ ରହିଥିଲା ବେଳେ ଏହାକୁ ଉଲଙ୍ଘନ କରାଯାଇ ୪୦ ମିଟର ବ୍ୟବଧାନରେ ଜନବସତି ରହି ଏହି ଖାଦାନକୁ ବେଆଇନ ଭାବେ ଲିଜ ଦିଆଯାଇଥିଲା । ଏଠାରେ ଜାତୀୟ ସବୁଜ ପ୍ରାଧିକରଣ ( ଏନଜିଟି)ଙ୍କ ନିୟମ ଉଲଙ୍ଘନ ହୋଇଥିବା ଲୋକାୟୁକ୍ତଙ୍କ ଦ୍ୱାରା ଗଠିତ ଡାଇରେକ୍ଟର ଅଫ ଇନକ୍ୱାରୀ ପକ୍ଷରୁ ଜଣାଯାଇଥିଲା । ଏହି ଘଟଣାରେ ରାଜସ୍ୱମନ୍ତ୍ରୀ ଶ୍ରୀ ମରାଣ୍ଡି,ତତକାଳିନ ତହସିଲଦାର ଶ୍ରୀ ବେହୁରିଆଙ୍କ ସହ ଯାଜପୁର ତତକାଳିନ ଜିଲ୍ଲାପାଳ ଶ୍ରୀ ଦାସ, ଭୁତତ୍ୱ ସର୍ବେକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ରାଉତ ଓ ଲିଜଧାରୀ ଶ୍ରୀ ଜେନାଙ୍କୁ ୬ସପ୍ତାହ ମଧ୍ୟରେ ପୁର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ଲୋକାୟୁକ୍ତ ଅଧ୍ୟକ୍ଷ ଡ. ଅଜିତ ସିଂ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ୨୦୨୨ ଜାନୁଆରୀ ୧୩ରେ ଏହାର ଶୁଣୀ କରାଯିବ ବୋଲି ଲୋକାୟୁକ୍ତ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । ସେହି କ୍ରମରେ ଆସନ୍ତା କାଲି ଲୋକାୟୁକ୍ତଙ୍କ ପକ୍ଷରୁ ମନ୍ତ୍ରୀ ସମେତ ୮ଜଣଙ୍କୁ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଛି । ପ୍ରକାଶ ଥାଉକି ୨୦୧୭/୧୮ରୁ ୨୦୨୧/୨୨ ମଧ୍ୟରେ ଆରୁହା କଳାପଥର ପାହାଡର ୧ ନମ୍ବର ଖାଦାନ ରେ ବ୍ୟାପକ କଳାପଥର ଚୋରା ଚାଲାଣ ହୋଇଥିବା ଜଣାପଡିଥିଲା ।

## ସ୍ୱାମୀ ବିବେକାନନ୍ଦ ଓ ରାଷ୍ଟ୍ରୀୟ ଯୁବଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର,(ପି.ଏନ):ଭାରତୀୟ ବିଦ୍ୟା ନିକେତନ ଏଜୁକେଶନାଲ ଆଣ୍ଡ ଚ଼ାରିଟେବୁଲ ଟ୍ରଷ୍ଟ ଦ୍ୱାରା ଓ ଦି ବ୍ଲଡ ଡୋନେସନ, ଓଡିଶାର ସହଯୋଗରେ ବିବେକାନନ୍ଦ ଜୟନ୍ତୀ ଓ ଆନ୍ତର୍ଜାତିକ ଯୁବ ଦିବସ ଅବସରରେ କଳିଙ୍ଗ ଭାରତୀ ବିଦ୍ୟା ନିକେତନ, କନ୍ଧ ନୟାଗଡଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସେଣ୍ଟ୍ରାଲ ରେଡ କ୍ରସ ବ୍ଲଡ ସେଣ୍ଟର, କଟକରୁ ଡଃ ସରୋଜ କୁମାର ନାୟକ, ଗଣେଶ୍ୱର ବେହେରା, ବାବୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଆଶୀଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ରକ୍ତଦାନ ଶିବରକୁ ଉଦଘାଟନୀ ଉତ୍ସବରେ କନ୍ଧନୟାଗଡ ସରପଞ୍ଚ ଅରୁଣର କୁମାର ସୁବୁଦ୍ଧି, ରଣପୁର ମାଟିର ଶ୍ରମିକ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ, ଯୁବ କଂଗ୍ରେସ ନୟାଗଡ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମୀର ଅବୁବକର ସିଦକି,ବିନାୟକ ଭୂଷଣ ମିଶ୍ର, ନୟାଗଡ଼ ଜିଲ୍ଲାକଂଗ୍ରେସ ସାଧାରଣ ସମ୍ପାଦକ ବାଳକୃଷ୍ଣ ସଡ଼ଙ୍ଗୀ, ସମାଜସେବୀ ଶ୍ରୀଯୁକ୍ତ ତାପସ ରଞ୍ଜନ ମାର୍ଥା, ସମାଜସେବୀ ତଥା ଦି ବ୍ଲଡ ଡୋନର୍ସର ଖୋର୍ଦ୍ଧା ଜିଲ୍ଲା ସଂପାଦକ ରଂଜନ କୁମାର ମହାପାତ୍ର, ଯୁବନେତା ଭୀମସେନ ପରିଡା, ଛାତ୍ରନେତା ଅନିଲ ଛୁଆଲସିଂ, ବାଦଲ ପ୍ରଧାନ, ବ୍ରହ୍ମଦତ୍ତ ବେହେରା ପ୍ରଭୃତି ଉପସ୍ଥିତ ରହିବା ସହ ରକ୍ତଦାନ ମଧ କରିଥିଲେ । ବିଭିନ୍ନ ଅନୁଷ୍ଠାନକୁ ଟ୍ରଷ୍ଟ ଦ୍ୱାରା ମଧ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମର ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Thursday January 13, 2022 ଭୁବନେଶ୍ୱର ଗୁରୁବାର, ଜାନୁଆରୀ ୧୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କୋଣାର୍କରେ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ



କୋଣାର୍କ, (ପି.ଏନ): ପବିତ୍ର ଶାମ୍ବ ଦଶମୀ ଅବସରରେ ଅର୍କକ୍ଷେତ୍ର କୋଣାର୍କରେ ପୁରାଣ ପ୍ରସିଦ୍ଧ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଅନନ୍ତ ଅବଧୂତ ମଠ, ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ, ଅର୍କକ୍ଷେତ୍ର ଗାୟତ୍ରୀ ପରିବାର ପକ୍ଷରୁ ପୂରାଣ ବର୍ଣ୍ଣିତ ମୈତ୍ରେୟ ଋଷିଙ୍କ ଆଶ୍ରମ ବା କୃଷ୍ଣଙ୍କ ପୁତ୍ର ଶାମ୍ବଙ୍କ ସାଧନା ପୀଠ କୋଣାର୍କର ସର୍ବପୁରାତନ ଅନନ୍ତ ଅବଧୂତ ମଠ ପରିଶରରୁ ଏହି ସୂର୍ଯ୍ୟ ରଥଯାତ୍ରା ବାହାରି ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ବାବା ଆଶ୍ରମରେ ପହଞ୍ଚିଛି । ବୁଧବାର ଶାମ୍ବଦଶମୀ ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତିରେ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କୁ ରଥାରୂଢ଼ କରାଯିବାପରେ ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରା ଭୋଗ, ଅର୍କବଟ ପୂଜା, ସପ୍ତାଶ୍ୱଙ୍କ ସହିତ ରଥର ପାର୍ଶ୍ୱ ଦେବାଦେବୀଙ୍କୁ ୧୦୮ଟି ବରା ଅର୍ପଣ କରାଯାଇ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଅନନ୍ତ ଅବଧୂତ ମଠର ମହନ୍ତ ଆଦିତ୍ୟ ଚରଣ ଦାସ ଛେରାପହଁରା କରିଥିଲେ। ସକାଳ ୧୧ଟାରେ ସକଳ ଶକଳକ୍ତିର ଆଧାର ସୂର୍ଯ୍ୟଙ୍କ ରଥ ଟଣା କାର୍ଯ୍ୟ ଉଭୟ ପୁରୁଷ ଓ ମହିଳା ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟମନ୍ଦିରର ଦକ୍ଷିଣ ପାର୍ଶ୍ୱ ବେଢାସଂଲଗ୍ନ ଅନନ୍ତ ଅବଧୂତ ମଠ ପରିସରରୁ ସୂର୍ଯ୍ୟରଥକୁ ଶତାଧିକ ଶ୍ରଦ୍ଧାଳୁ ଟାଣିନେଇ ମଧ୍ୟାହ୍ନ ୨ଟାରେ ଚନ୍ଦ୍ରଭାଗା ସ୍ଥିତ ଛୋଟାରାମ ବାବାଙ୍କ ଆଶ୍ରମରେ ପହଞ୍ଚାଇଥିଲେ। ଏଠାରେ ମିତ୍ରାଦିତ୍ୟଙ୍କୁ ଚନ୍ଦ୍ରଭାଗାର ମହୋଦଧି ଓ ତୀର୍ଥଜଳରେ ସ୍ନାନ କରାଇବା ପରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜିଠାରୁ ଚନ୍ଦ୍ରଭାଗା ତୀର୍ଥ ନିକଟସ୍ଥ ଛୋଟାରାମ ବାବାଙ୍କ ମଠ ପରିସରରେ ୨୭ଦିନ ଧରି ୨୭ଟି ନକ୍ଷତ୍ରରେ ମିତ୍ରାଦିତ୍ୟଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ପବିତ୍ର ମାଘ ଶୁକ୍ଳ ସପ୍ତମୀ ତିଥୀରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ଶାମ୍ବଦଶମୀ ତିଥିରେ ପ୍ରାତଃ ସ୍ନାନକରି ମିତ୍ରାଦିତ୍ୟଙ୍କୁ ରଥରେ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ହୋଇ ନ ଥାଏ ବୋଲି କପିଳସଂହିତାରେ ଉଲ୍ଲେଖ ଅଛି। ଭାଗବତରେ ବର୍ଣ୍ଣନାନୁଯାୟୀ ମୈତ୍ରେୟ ମୁନି ଭଗବାନ କୃଷ୍ଣଙ୍କର ଜଣେ ଶୁଭ ଚିନ୍ତକ ଥିବାରୁ କୃଷ୍ଣ ନିଜର ପୁତ୍ର ଶାମ୍ବଙ୍କୁ କୁଷ୍ଠରୋଗରୁ ମୁକ୍ତି ପାଇଁ ମୈତ୍ରେୟଙ୍କ ଆଶ୍ରମକୁ ପଠାଇଥିଲେ। ଶାମ୍ବ ସୂର୍ଯ୍ୟଙ୍କୁ ଆରାଧନା କରିବା ପାଇଁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରିବା ସମୟରେ ମିତ୍ରାଦିତ୍ୟଙ୍କର ଏକ ସୁନ୍ଦର ମୂର୍ତ୍ତି ପାଇଥିଲେ । ଏହି ମୂର୍ତ୍ତିକୁ ବିଶ୍ୱକର୍ମା ତିଆରି କରିଥିଲେ ଏବଂ ଏହାକୁ ଦେବତା, ଦାନବ ଓ ମନବମାନେ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ପୂଜା କରୁ ଥିଲେ । ଶାମ୍ବ ଏହି ମୂର୍ତ୍ତିକୁ କୋଣାର୍କରେ ପୂଜା କରିବା ସହିତ ସୂର୍ଯ୍ୟ ରଥଯାତ୍ରାରର ପ୍ରଚଳନ କରିଥିଲେ। ସମୟାନୁକ୍ରମେ ଓଡ଼ିଶାର ରାଜା ପୁରନ୍ଦର କେଶରୀ ଓ ଲାଙ୍ଗୁଳା ନରସିଂହ ଦେବ ଏହି ପରମ୍ପରାକୁ ବଜାୟ ରଖିଥିଲେ । ପରବର୍ତ୍ତୀ ଅବସ୍ଥାରେ ସୂର୍ଯ୍ୟ ମନ୍ଦିର ଭାଙ୍ଗି ଯିବାରୁ ପୂଜାର୍ଚ୍ଚନା ବନ୍ଦହେବା ସହିତ ସୂର୍ଯ୍ୟ ରଥଯାତ୍ରା ମଧ ବନ୍ଦ ହୋଇଯାଇଥିବା ମାଦଳା ପାଞ୍ଜିରୁ ସୂଚନା ମିଳେ । ଅନନ୍ତ ଅବଧୂତ ମଠର ଦିବଂଗତ ମହନ୍ତ ଅବଧୂତ ଆର୍ତ୍ତତ୍ରାଣ ଦାସ, ଅର୍କକ୍ଷେତ୍ରର ବିଶିଷ୍ଟ ଗବେଷକ ଡ଼ଃ ଉପେନ୍ଦ୍ରନାଥ ଭୋଳ, ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ ପ୍ରମୁଖଙ୍କ ପ୍ରଚେଷ୍ଟାରେ ୧୯୯୮ ମସିହାରେ ଏହି ରଥଯାତ୍ରାର ପୁନଃ ପ୍ରଚଳନ ହୋଇଥିଲା। ୨୦୨୧ ମସିହାରେ ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ଅନନ୍ତ ଅବଧୂତ ମଠରେ ପୂଜା ପାଉଥିବା ସୂର୍ଯ୍ୟନାରାୟଣଙ୍କର ନୂତନ ଧାତବ ବିଗ୍ରହ ପ୍ରତିଷ୍ଠା କରାଯାଇ ପୂଜାଅର୍ଚ୍ଚନା କରାଯାଉଛି । ସୂର୍ଯ୍ୟ ରଥଯାତ୍ରାର କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦର ସଭାପତି ପଣ୍ଡିତ ରଘୁନାଥ ଦାଶ, ଉପସଭାପତି ପଣ୍ଡିତ ଅନନ୍ତ ଚରଣ ନାୟକ, ସାଧାରଣ ସମ୍ପାଦକ ପଣ୍ଡିତ ନିମାଇଁ ଚରଣ ଦାଶ, ଅବଧୂତ ମଠର ମହନ୍ତ ଆଦିତ୍ୟଚରଣ ଦାସ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ପଣ୍ଡିତ ଅଚ୍ୟୁତାନ୍ଦ, କୋଷାଧ୍ୟକ୍ଷ ପଣ୍ଡିତ ମହେଶ୍ୱର ପାତ୍ର, ସଂଯୋଜକ ପଣ୍ଡିତ ପ୍ରମୋଦ କୁମାର ଆଚାର୍ଯ୍ୟ, କର୍ମକର୍ତ୍ତା ପଣ୍ଡିତ ତ୍ରିନାଥ ଆଚାର୍ଯ୍ୟ ଓ ପଣ୍ଡିତ ମହେନ୍ଦ୍ର କୁମାର, ଆଭାସ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବର୍ଷା ଓ ମଣ୍ଡିକୁ ନେଇ ଚିନ୍ତାରେ ଚାଷୀ

ଫୁଲନଖରା,(ପି.ଏନ): ପୁଣି ଅଦିନିଆ ବର୍ଷା ଓ ମଣ୍ଡି ନଖୋଲିବା ନେଇ ଚାଷୀ ଚିନ୍ତାରେ ପଡ଼ିଛି। ଏଣେ ବିଲରେ ଧାନ ପଡ଼ିଥିଲାବେଳେ ତେଣେ ମଣ୍ଡି ବନ୍ଦ ରହିଛି। ପୁଣି ଚାଷୀଙ୍କ ପାଖକୁ ଟୋକନ ପଠାଇଦେଇ ବିଭାଗ ଚୁପ ବସିଥିଲାବେଳେ ବିଲରେ ଅମଳ ଧାନ ପଡ଼ି ରହିଛି। ଗତ ୩ତାରିଖଠାରୁ ଟୋକନ ମିଳିଥିଲେ ହେଁ ସୋସାଇଟିକୁ ଲିଙ୍କ ଆସିନଥିବାରୁ ଚାଷୀ ଧାନ ବିକ୍ରୟ କରିପାରୁନାହିଁ। ଯାହାକୁ ନେଇ ସମଗ୍ର କଟକ ଜିଲାର ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲାରେ ଖୁବ ଶୀଘ୍ର ମଣ୍ଡି ନଖୋଲିଲେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେବୋଲି ଭାରତୀୟ ଜନତା ପାର୍ଟି ସମବାୟ ସେଲ ଜିଲା ସଂଯୋଜକ ବନ୍ଧୁଚରଣ ସାହୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ କଟକ ଜିଲାରେ ମୋଟ ୨୨୮ଟି ସରକାରୀ ଧାନ ମଣ୍ଡି ରହିଛି। ବର୍ତ୍ତମାନ ସୁଦ୍ଧା ବାଙ୍କୀ ଓ ଆଠଗଡ଼ ବ୍ୟତୀତ ଆଉ କୌଣସି ବ୍ଲକରେ ଧାନ କ୍ରୟ ଆରମ୍ଭ ହୋଇପାରିନାହିଁ।

## ଡି.ଏ.ଭି ପବ୍ଲିକ୍ ସ୍କୁଲ କଳିଙ୍ଗ ନଗରରେ ରୌପ୍ୟଜୟନ୍ତୀ ବର୍ଷ ପାଳନ ଅବସରରେ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ




ଭୁବନେଶ୍ୱର,(ପି.ଏନ): ଡି.ଏ.ଭିକଳିଙ୍ଗ ନଗରରେ ରୌପ୍ୟ ଜୟନ୍ତୀ ବର୍ଷ ପାଳନ ଅବସରରେ ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡି.ଏ.ଭି ଓଡ଼ିଶା ଜୋନ୍ - ୧ ଅନ୍ତର୍ଗତ ୨୯ଟି ବିଦ୍ୟାଳୟର ୫୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ପ୍ରାରମ୍ଭିକ ପର୍ଯ୍ୟାୟରୁ ୬ଟି ଦଳ ଶେଷ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଡି.ଏ.ଭି କଳିଙ୍ଗ ନଗର ପ୍ରଥମ, ଡି.ଏ.ଭି ପୋଖରିପୁଟ ଦ୍ୱିତୀୟ ଓ ଡି.ଏ.ଭି ଚନ୍ଦ୍ରଶେଖରପୁର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା କୁଇଜ୍ ପ୍ରତିଷ୍ଠାନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବିଭାସ ରଥ ଅତି ସୁନ୍ଦର ଭାବରେ ପରିଚାଳନା କରିଥିଲେ । ଜାତୀୟ ଯୁବ ଦିବସ ତଥା ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଯୁବପିଢିକୁ ଆହ୍ୱାନ କରିବା ସହ କୃତୀ ବିଦ୍ୟାଳୟମାନଙ୍କ ନାମ ଘୋଷଣା କରିଥିଲେ।ଏହି ଅବସରରେ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ସାମୁହିକ ସଙ୍ଗୀତ, ସ୍ୱରଚିତ କବିତା ପାଠ,ଉଭୟ ସଂସ୍କୃତ ଓ ଇଂରାଜୀ ଭାଷାରେ ବିଶ୍ୱ ଗୁରୁବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ, ଏକ ଭାରତ ଶ୍ରେଷ୍ଠଭାରତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣକାର୍ଯ୍ୟକ୍ରମର ସିଧାପ୍ରସାରଣ ୟୁଟ୍ୟୁବ ମାଧମରେ କରାଯାଇଥିଲା ।

## ପୂର୍ବତଟ ରେଳପଥ ବିରୋଧରେ ଷଡ଼ଯନ୍ତ୍ରର ଗନ୍ଧ ! : ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ ନୀରବ କାହିଁକି ?




ଭୁବନେଶ୍ୱର,(ପି.ଏନ): ଓଡ଼ିଶାବାସୀଙ୍କ ସ୍ୱାଭିମାନ ଓ ସଂଗ୍ରାମର ପ୍ରତୀକ ପୂର୍ବତଟ ରେଳପଥ। ମାତ୍ର ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଯେ, ଏହାକୁ ଅଧିକ ସଶକ୍ତ କରାଯିବା ପରିବର୍ତ୍ତେ ଦିନକୁ ଦିନ ଦୁର୍ବଳ ଓ ଶକ୍ତିହୀନ କରିଦେବାର ଷଡ଼ଯନ୍ତ୍ର ମୋଦି ସରକାର ଅମଳରୁ କାର୍ଯ୍ୟକାରୀ ହୋଇଛି। ପ୍ରଥମେ ପୂର୍ବତଟ ରେଳପଥର ମୁଣ୍ଡ କୁହାଯାଉଥିବା ୱାଲିଟୟର ଡ଼ିଭିଜନକୁ ଆମ ଠାରୁ ଛଡ଼ାଇ ନେବାର ଘୋଷଣା କରାଗଲା। ଏହାଦ୍ୱାରା ବିପୁଳ ରାଜସ୍ୱହାନୀ ହେବା ସହ ପରଚଳନାଗତ ତ୍ରୁଟି ମଧ୍ୟ ସାମ୍ନା କରିବାକୁ ପଡୁଛି। ପୂର୍ବତଟ ରେଳପଥରେ ଚଳାଚଳ କରୁଥିବା ପ୍ରାୟ ୭୦୦ଟି ଇଂଜିନ ମଧ୍ୟରୁ ପ୍ରାୟ ୫୦୦ଟି ଇଂଜିନ ଏହି ଡ଼ିଭିଜନରୁ ଆସିଥାଏ। ସେହିପରି ଗୋଟିଏ ବୃହତ୍ ଇସ୍ପାତ କାରଖାନା ଓ ବନ୍ଦର ଏହା ଅଧିନରେ ଥିଲା, ଯାହା ଆମ ହାତରୁ ଚାଲିଗଲା। ବାର୍ଷିକ ୨୫ ହଜାର କୋଟିର ରାଜସ୍ୱରୁ ପ୍ରାୟ ୩୫% ଅର୍ଥାତ୍ ୯,୫୦କୋଟ ରାଜସ୍ୱ ହରାଇଲୁ। ସାନ୍ତ୍ୱନା ଦେବା ଲକ୍ଷ୍ୟରେ ଆମକୁ ଲଲିପପ୍ ଧରାଇ ଦିଆଗଲା ରାୟଗଡ଼ା ଡ଼ିଭିଜନ। ୨୦୧୯ ଜୁଲାଇ ୧୭ ତାରିଖରେ ରାୟଗଡ଼ାରେ ନୂଆ ରେଳ ଡ଼ିଭିଜନ ପ୍ରତିଷ୍ଠା ପାଇଁ ଘୋଷଣା କରାଗଲା। ୨୦୨୦-୨୧ ରେଳ ବଜେଟରେ ପୂର୍ବତଟ ରେଳପଥ ୧୭୦ କୋଟି ଟଙ୍କାର ଡ଼ିପିଆର ଦାଖଲ କରିଥିଲା। ହେଲେ ଆଜି ସୁଦ୍ଧା ମିଳିଛି ମାତ୍ର ୩ କୋଟି ୪୦ ଲକ୍ଷ ଟଙ୍କା। ଏବେ ଗୋଟେ ସାଙ୍ଘାତିକ ଷଡ଼ଯନ୍ତ୍ରର ଗନ୍ଧ ବାହାରିଛି। ରାୟଗଡ଼ାକୁ ଆନ୍ଧ୍ରର ଦକ୍ଷିଣ ଉପକୂଳ ରେଲୱେ ଡ଼ିଭିଜନ ଜୋନ ଅଧୀନରେ ରଖିବାକୁ ବଜେଟରେ ମୁରୀ ମିଳିବାର ତଥ୍ୟ ସାମ୍ନାକୁ ଆସିଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଏ ସମ୍ପର୍କରେ ତଥ୍ୟ ସାମ୍ନାକୁ ଆସିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନୀରବ ରହିବା ଏବଂ ବିଜେଡ଼ି ଭୋଟ୍‌ରେ ସାଂସଦ ବନି ରେଳମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ କୌଣସି ପ୍ରତିକ୍ରିୟା କିମ୍ବା ସ୍ପଷ୍ଟୀକରଣ ନଦେବା କେବଳ ଦୁର୍ଭାଗ୍ୟଜନକ ନୁହେଁ ଓଡ଼ିଶାବାସୀଙ୍କ ପ୍ରତି ବେଇମାନୀ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କହିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଅମିୟ ପାଣ୍ଡବ ଏ ସମ୍ପର୍କୀୟ ନଥିପତ୍ର ପ୍ରଦର୍ଶନ କରି ବିଜେଡ଼ି ଓ ବିଜେପିର ଦୋମୁହାଁ ଚରିତ୍ର ଉପରେ ପ୍ରଶ୍ନ କରିଛନ୍ତି।ସେହିପରି ୨୦୧୯ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନବୀନ ବାବୁ ଓଡ଼ିଶାରେ ଥିବା ସମସ୍ତ ରେଳପଥକୁ ଏକୀକରଣ କରାଯିବା ସହ ରାଉରକେଲା ଓ ଯାଜପୁରରେ ନୂଆ ଡ଼ିଭିଜନ ଗଠନ ପାଇଁ ଦାବୀ କରିଥିଲେ। ଏ ଦିଗରେ କେନ୍ଦ୍ରମନ୍ତ୍ରୀ କ'ଣ ଚନ୍ତା କରୁଛନ୍ତି ଓ ପଦକ୍ଷେପ ନେଲେଣି ନବୀନ ବାବୁ ଜାଣିବାକୁ ଚାହୁଁନାହାଁନ୍ତି କାହିଁକି? ୧୯୬୦ ମସିହାରେ ବିଜୁବାବୁ ରାଉରକେଲାରେ ଡ଼ିଭିଜନ କଥା ଚାହୁଁଥିଲେ। ବନ୍ଧମୁଣ୍ଡାରେ ମଧ୍ୟ ରେଳବାଇର ଦୁଇଟି ସେଡ୍ ରହିଛି ଗୋଟେ ଇଲେକ୍ଟ୍ରିକ ସେଡ୍, ଗୋଟେ ଡ଼ିଜେଲ ସେଡ୍। ବିଶାଖାପାଟଣାରେ ଦୁଇଟି ସେଡ୍ ଥିଲା, ତାହା ଏବେ ଚାଲିଯିବାରୁ ବନ୍ଧମୁଣ୍ଡାକୁ ପୂର୍ବତଟ ରେଳପଥ ଅଧିନକୁ ଅଣାଯିବା ଦରକାର। ବିଶାଖାପାଟଣାଠାରେ ଥିବା ବନ୍ଦର ଓ ଇସ୍ପାତ କାରଖାନା, ପୂର୍ବତଟ ରେଳପଥରୁ ଚାଲିଯିବା କାରଣରୁ ଏବେ ରାଉରକେଲା ଓ ଝାରସୁଗୁଡ଼ା ଜୋନକୁ ଦକ୍ଷିଣପୂର୍ବ ରେଳପଥରୁ ଆଣି ପୂର୍ବତଟ ରେଳପଥରେ ମିଶାଇ ଦିଆଗଲେ ଆମେ ଗୋଟେ ଇସ୍ପାତ କାରଖାନା ପାଇଯିବୁ। ସେହିପରି ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ ଅଧୀନରେ ଏବଂ ବିଳାସପୁର ଡ଼ିଭିଜନରେ ଥିବା 'ଇବ୍' ଅଞ୍ଚଳକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରାଗଲେ, କୋଇଲା ପରିବହନର ସୁଯୋଗ ପ୍ରଶସ୍ତ ହୋଇପାରିବ ଏବଂ ରାଜସ୍ୱ ବୃଦ୍ଧି ପାଇବ। କେବଳ ସେତିକି ନୁହେଁ, କେନ୍ଦ୍ର ସରକାର ଯେତେବେଳେ କଥା କଥାରେ 'ମିଶନ ପୂର୍ବୋଦୟ'ର ସ୍ଲୋଗାନ ଦେଉଛନ୍ତି, ଆମ ଦଳର ନେତା ନବଜ୍ୟୋତି ପଟ୍ଟନାୟକ ବାଲେଶ୍ୱରରେ ଡ଼ିଭିଜନ ପାଇଁ ମଧ୍ୟ ଦୁଇ ଦୁଇଥର ଚିଠି ଲେଖିଛନ୍ତି, ମାତ୍ର ମନ୍ତ୍ରୀ କାହିଁକି ନୀରବ? ସୁନ୍ଦରଗଡ଼, କେନ୍ଦୁଝର ଓ ବାଲେଶ୍ୱରକୁ ପୂର୍ବତଟ ରେଳପଥ ଅଧୀନକୁ ଅଣାଯାଇ ସେଠାରେ ମଧ୍ୟ ଗୋଟେ ଡ଼ିଭିଜନ ପ୍ରତିଷ୍ଠା କରାଗଲେ, ଶିଳ୍ପ ପ୍ରତିଷ୍ଠାର ସମ୍ଭାବନା ମଧ୍ୟ ବୃଦ୍ଧିପାଇବ। ମନ୍ତ୍ରୀ ବାଲେଶ୍ୱର ଯାଇଥିଲେ, ମାତ୍ର ଏକଥା କହିଲେ ନାହିଁ କାହିଁକି? ସେହିପରି ରେଳସେବାରୁ ବଞ୍ଚିତ ଥିବା ରାଜ୍ୟର ୬ଟି ଜିଲ୍ଲାକୁ କେବେ ସୁଦ୍ଧା ସଂଯୋଗ କରାଯିବ ତାର ସ୍ପଷ୍ଟିକରଣ ରେଳମନ୍ତ୍ରୀ ଦେବେ କି? କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାତ୍ରୀ ପରିବହନ ସେବା ଯୋଗାଇ ଦିଆଯିବା ଦାବିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମନ୍ତ୍ରୀଙ୍କୁ ଚିଠି ଲେଖି ସାକ୍ଷାତ୍ ପାଇଁ ସମୟ ମାଗିଥିଲେ ବି ତାର ପ୍ରତ୍ୟୁତ୍ତର ନ ମିଳିବା ଏବଂ ମାନ୍ୟବର ସାଂସଦ ଏ ସମ୍ପର୍କରେ ପ୍ରଶ୍ନ କରିବା ପରେ ମନ୍ତ୍ରୀ ଖାମଖିଆଲୀ ଭାବେ ଉତ୍ତର ଦେବା ଦୁର୍ଭାଗ୍ୟଜନକ। ଭିତ୍ତିଭୂମି ନାହିଁ ବୋଲି କହି ଏଡ଼ାଇ ଯିବାର ଧୃଷ୍ଟତା ଗ୍ରହଣୀୟ ନୁହେଁ। କାରଣ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶର ମନ୍ତ୍ରୀ ଓ ମନ୍ତ୍ରଣାଳୟର ଦାୟିତ୍ୱ। ତେଣୁ ରେଳମନ୍ତ୍ରୀ ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହ ରାୟଗଡ଼ାକୁ ନେଇ ଯେଉଁ ଷଡ଼ଯନ୍ତ୍ର ଓ ସନ୍ଦେହ ସୃଷ୍ଟି ହୋଇଛି, ସେ ସମ୍ପର୍କରେ ସ୍ପଷ୍ଟ ମତ ରଖିବାକୁ ଶ୍ରୀ ପାଣ୍ଡବ ଦାବି କରିଥିଲେ। ଏଥିରେ ଅନ୍ୟତମ ମୁଖପାତ୍ର ଶ୍ରୀ ପ୍ରଶାନ୍ତ ଶତପଥୀ ଓ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray